# ଭୂମିଜ ଭାଷା ଶିକ୍ଷଣ ପୁସ୍ତିକା


ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଭୂମିଜ ଭାଷା ଶିକ୍ଷଣ ପୁସ୍ତିକା


*ସଂକଳନ :*

ଡ଼ଃ ଲତା ଭୋଳ

*ନିର୍ଦ୍ଦେଶକ :*

ଡ଼ଃ ଅନନ୍ତ ଚରଣ ସାହୁ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଭୂମିଜ ଭାଷା ଶିକ୍ଷଣ ପୁସ୍ତିକା


*ସଂକଳନ* : ଡ଼ଃ ଲତା ଭୋଳ

*ସମ୍ପାଦନା* : ଡ଼ଃ ଅନନ୍ତ ଚରଣ ସାହୁ
ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଭୁବନେଶ୍ୱର

©*ପ୍ରକାଶକ* : ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ଜାନୁୟାରୀ ୨୦୦୫

ମୁଦ୍ରଣ : ପରଫେକ୍ଟ ପ୍ରିଣ୍ଟରସ୍ ଏଣ୍ଡ ପବ୍ଲିସର୍ସ
ବାପୁଜୀ ନଗର, ଭୁବନେଶ୍ୱର - ୭୫୧ ୦୦୯
ଦୂରଭାଷ : (୦୬୭୪) ୨୫୩୧୦୩୫, ମୋବାଇଲ : ୯୪୩୭୧ ୭୬୭୧୦

ମୂଲ୍ୟ : ୩୦.୦୦ ଟଙ୍କା ମାତ୍ର .


## BHUMIJ BHASHA SIKSHYANA PUSTIKA


**Compilation : Dr. Lata Bhola**

©***Publisher :*** Director
Academy of Tribal Dialects & Culture
Adivasi Exhibition Ground
Unit - I, Bhubaneswar - 751 009
First Edition :

**Printed at :** Perfect Printers & Publishers
Bapuji Nagar, Bhubaneswar - 751 009
☎ : (0674) 2531035, Cell : 94371 76710

Price : Rs. 30.00 Only

# ମୁଖବନ୍ଧ

ଆଦିବାସୀ ବହୁଳ ରାଜ୍ୟଭାବରେ ଓଡ଼ିଶା ଭାରତରେ ଏକ ବିଶିଷ୍ଟ ସ୍ଥାନ ଗ୍ରହଣ କରିଛି । ଓଡ଼ିଶାରେ ୬୨ ପ୍ରକାରର ଜନଜାତି ବସବାସ କରି ଆସୁଛନ୍ତି ଯାହା ସାମଗ୍ରୀକ ଜନସଂଖ୍ୟାର ୨୨.୨୧ ଭାଗ । ୧୯୯୧ ଜନଗଣନା ଅନୁସାରେ ଏମାନଙ୍କର ସଂଖ୍ୟା ୭୦,୩୨,୨୧୪ । ଓଡ଼ିଶାର ଆଦିବାସୀମାନେ ତିନିଭାଷା ପରିବାରର ଅନ୍ତର୍ଭୁକ୍ତ ଏବଂ ସେମାନଙ୍କର ଭାଷା ନିମ୍ନମତେ ବର୍ଗୀକୃତ ।

୧. ଗୋଷ୍ଠୀ ପରିଚୟ ଥାଇ ସ୍ୱବର୍ଗୀୟ ଭାଷା, ୨. ଗୋଷ୍ଠୀ ପରିଚୟ ଥାଇ ପରବର୍ଗୀୟ ଭାଷା , ୩. ଗୋଷ୍ଠୀ ପରିଚୟ ନଥାଇ ମୌଳିକ ଭାଷା ବା ସଂଯୋଜକଭାଷା ।

ପ୍ରଥମ ଗୋଷ୍ଠୀ ଅଧୀନରେ ସାନ୍ତାଳ, ମୁଣ୍ଡା, ଜୁଆଙ୍ଗ, ବଣ୍ଡା, କୁଇ, କୁଭି ଓ ଓରାମ ପ୍ରମୁଖ ବର୍ଗ ଅନ୍ତର୍ଭୁକ୍ତ ହେଉଥିବା ବେଳେ ଦ୍ୱିତୀୟ ଗୋଷ୍ଠୀ ଅଧୀନରେ ବାଥୁଡ଼ି, ଭୂୟାଁ, ଭତ୍ରା, ହଲ୍‌ବା, ବିଂଝିଆ, ଭୂମିଆ, ଓ ପରଜା ପ୍ରମୁଖ ଅନ୍ତର୍ଭୁକ୍ତ । ଅତୀତରେ ଏମାନଙ୍କର ନିଜସ୍ୱ ମୌଳିକ ଭାଷା ବିଦ୍ୟମାନ ଥିଲା, ମାତ୍ର ସମୟକ୍ରମେ ସେମାନେ ନିଜସ୍ୱ ଭାଷାକୁ ଭୂଲି ପରବର୍ଗୀୟ ଭାଷା-ଗୋଷ୍ଠୀରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ତୃତୀୟ ଗୋଷ୍ଠୀରେ କୌଣସି ନିର୍ଦ୍ଦିଷ୍ଟ ବର୍ଗ ସମ୍ପୃକ୍ତ ନଥିଲେ ସୁଦ୍ଧା ସେମାନେ ଅର୍ନ୍ତଗୋଷ୍ଠୀୟ ସ୍ତରରେ, ଦୁଇ ଭିନ୍ନ ଭାଷାଭାଷୀ ଗୋଷ୍ଠୀର ଜନସମୁଦାୟ, ଏକ ତୃତୀୟ ଭାଷାକୁ ଯୋଗାଯୋଗ ଭାଷା ହିସାବରେ ଗ୍ରହଣ କରି ନେଇଛନ୍ତି । ଏହି ଭାଷା ହେଉଛି ସଂଯୋଜକ ଭାଷା ବା Lingua Franca । ଏହି Lingua Franca ଅଧୀନରେ ଓଡ଼ିଶାର ଉତ୍ତର-ପଶ୍ଚିମାଞ୍ଚଳରେ କଥିତ ସାଦ୍ରୀଭାଷା ତଥା ଦକ୍ଷିଣାଞ୍ଚଳରେ କଥିତ ଦେଶିଆ ଭାଷା ପ୍ରଧାନ । ଏହି ଭାଷା ଦ୍ୱୟ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା କଥିତ ହେଉନଥିଲେ ସୁଦ୍ଧା ସମ୍ପୃକ୍ତ ଅଞ୍ଚଳର ସମସ୍ତ ଜନଜାତିଙ୍କ ଯୋଗାଯୋଗର ଭାଷା ହିସାବରେ ପ୍ରଚଳିତ । ଏହି ସଂଯୋଜକ ଭାଷା ମାନଙ୍କରେ ମଧ୍ୟ ସମୃଦ୍ଧ ଲୋକ ସାହିତ୍ୟ ଏବଂ ଉନ୍ନତ ବ୍ୟାକରଣ ରହିଛି ।

ଓଡ଼ିଶାର ଆଦିବାସୀ ସମାଜ ତ୍ରିବିଧ ପ୍ରମୁଖ ଜନଜାତି ପରିବାରର ଅନ୍ତର୍ଭୁକ୍ତ । ଯଥା : ଆଷ୍ଟ୍ରିକ (ମୁଣ୍ଡା), ଦ୍ରାବିଡ ଓ ଭାରତୀୟ ଆର୍ଯ୍ୟ । ପ୍ରତ୍ୟେକ ଜନଜାତି ପରିବାରର ଭାଷା ସ୍ୱତନ୍ତ୍ର ଏବଂ ପ୍ରତ୍ୟେକ ପରିବାର ଅନ୍ତର୍ଗତ ଗୋଷ୍ଠୀଗୁଡ଼ିକର ଭାଷା ମଧ୍ୟ ଭିନ୍ନ

ଭିନ୍ନ । ବର୍ତ୍ତମାନ ପ୍ରାୟ ୨୨ ରୁ ଅଧିକ ଗୋଷ୍ଠୀ ନିଜର ମାତୃଭାଷା ବ୍ୟବହାର କରୁଥିଲାବେଳେ ଅବଶିଷ୍ଟ ଗୋଷ୍ଠୀ ସ୍ଥାନୀୟ ଓଡ଼ିଆ ଉପ-ଭାଷାଗୁଡ଼ିକୁ ନିଜର ପ୍ରଥମ ଭାଷା ରୂପେ ଗ୍ରହଣ କରି ନେଉଛନ୍ତି । ତେବେ ଓଡ଼ିଶାର ଆଦିବାସୀଙ୍କ ଭିତରେ ନିମ୍ନଲିଖିତ ଭାଷା ଓ ଉପଭାଷା ପ୍ରଚଳିତ ।

**ମୁଣ୍ଡା :** ଭୂମିଜ, ବିରହୋର୍, ରେମ (ବଣ୍ଡା), ଗତାଃ (ଡ଼ିଡାୟୀ), ଗୁତବ୍ (ଗଦବା), ସୋରା (ସଉରା), ପାରେଙ୍ଗା, ଖରିଆ, ଜୁଆଙ୍ଗ, ସାନ୍ତାଳୀ, ହୋ, ମୁଣ୍ଡାରୀ, ମାହାଲୀ ଇତ୍ୟାଦି ।

**ଦ୍ରାବିଡ଼ :** ଗୋଣ୍ଡୀ, କଣ୍ଡା, କୁଇ, କୁଭି-କନ୍ଧ, କିସାନ, କୋୟା, କୋଲାମା, ନାଇକୀ ଓଲାରୀ, ପାର୍ଜୀ, ପେଙ୍ଗ, କୁଡୁଖ୍ (ଓରାଓଁ) ଇତ୍ୟାଦି ।

**ଭାରତୀୟ ଆର୍ଯ୍ୟ :** ବାଥୁଡ଼ି, ଭୂୟାଁ, କୁରମାଳୀ, ସାଉଁତି, ସାଦ୍ରୀ, କନ୍ଧାନ୍, ଅଘ୍ରିଆ, ଦେଶିଆ, ଝରିଆ, ହାଲ୍‌ବି, ଭତ୍ରା, ମାଟିଆ, ଭୁଞ୍ଜିଆ ଇତ୍ୟାଦି ।

ଏହିସବୁ ଭାଷା ମଧ୍ୟରୁ କେବଳ ଚାରୋଟି ଭାଷାରେ ଲିପି ବିକଶିତ ହୋଇଛି । ସେ ଚାରୋଟି ଲିପି ହେଉଛି – ସାନ୍ତାଳୀ (ଅଲଚିକି), ସଉରା (ସୋରାଂ ସୋମ୍‌ପେଙ୍), ହୋ (ୱାରାଂଚିତି), ଏବଂ କୁଇ (କୁଇ ଲିପି) । ଏଥି ମଧ୍ୟରୁ ସାନ୍ତାଳୀ ଓ ସଉରା ଲିପିରେ ବହିପତ୍ର ମୁଦ୍ରଣ ହେଉଛି । ଅନ୍ୟ ଆଦିବାସୀ ଭାଷାରେ ଯାହା ସାହିତ୍ୟ ଲେଖାଯାଉଛି ତାହା ରୋମାନ୍, ଦେବନାଗରୀ, ବଙ୍ଗଳା, ତେଲୁଗୁ ଏବଂ ଓଡ଼ିଆ ଲିପିରେ ହିଁ ପ୍ରକାଶ ପାଉଛି ।

ଓଡ଼ିଶାରେ ସରକାରୀ ବ୍ୟବସ୍ଥାରେ ଓଡ଼ିଆ ଭାଷା ଏକ ମାଧ୍ୟମ । ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଠାରୁ ଆରମ୍ଭ କରି କର୍ମକ୍ଷେତ୍ର ପର୍ଯ୍ୟନ୍ତ ଏହାର ପ୍ରୟୋଗ ରହିଛି । ଆଦିବାସୀମାନେ ସେମାନଙ୍କ ଭାଷା ବ୍ୟତିରେକ ଓଡ଼ିଆ ଭାଷା ସହିତ ପରିଚିତ ନଥିବାରୁ ଅନେକ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ସେମାନଙ୍କ ନିକଟରେ ପହଞ୍ଚାଇବା ସମୟରେ ସରକାରଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଫଳତଃ ଉନ୍ନୟନମୂଳକ ଯୋଜନାର ରୂପାୟନ ସମ୍ଭବ ହୋଇପାରେ ନାହିଁ । ଏହାକୁ ଦୃଷ୍ଟିରେ ରଖି ଆଦିବାସୀ ଲୋକମାନଙ୍କ ପାଖରେ ଉନ୍ନୟନ ଯୋଜନା ଓ ଶିକ୍ଷା ବ୍ୟବସ୍ଥାକୁ ପହଞ୍ଚାଇବାକୁ ସରକାର ଆଦିବାସୀ ଅଞ୍ଚଳରେ କାମ କରୁଥିବା ବିଭିନ୍ନ ବିଭାଗର କର୍ମଚାରୀ ତଥା ଶିକ୍ଷକମାନଙ୍କୁ ସମ୍ପୃକ୍ତ ଅଞ୍ଚଳରେ ଆଦିବାସୀଭାଷାରେ ତାଲିମ୍ ଦେବାର ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି । ଆଦିବାସୀ ଭାଷାରେ ତାଲିମ ପାଇ ଜଣେ

କର୍ମଚାରୀ ଆଦିବାସୀମାନଙ୍କର ନିକଟତର ହୋଇପାରିବ ଏବଂ ଉନ୍ନୟନ ଯୋଜନାର ସଫଳ ରୂପାୟନ ପାଇଁ ସକ୍ଷମ ହୋଇପାରିବ । ସରକାରଙ୍କର ଏହି ଆଭିମୂଖ୍ୟକୁ ଦୃଷ୍ଟିରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଉପଯୋଜନା ଅଞ୍ଚଳରେ ବିଭିନ୍ନ ପ୍ରମୁଖ ଆଦିବାସୀ ଭାଷାଗୁଡ଼ିକରେ ଭାଷା ପ୍ରଶିକ୍ଷଣ କେନ୍ଦ୍ରମାନ ସ୍ଥାପନକରି ସ୍ଥାନୀୟ ସରକାରୀ କର୍ମଚାରୀ ଏବଂ ଶିକ୍ଷକମାନଙ୍କୁ ତାଲିମ୍ ପ୍ରଦାନ କରିଆସୁଛି । ତାଲିମ୍ ବ୍ୟବସ୍ଥାକୁ ସହଜ ଏବଂ ସଫଳ କରିବା ପାଇଁ ଏକ ସହାୟକ ପୁସ୍ତକ ଏକାଡ଼େମୀ ପ୍ରସ୍ତୁତ କରିଛି । ଏହି ପୁସ୍ତକ ପ୍ରମୁଖ ଆଦିବାସୀ ଭାଷା ମାନଙ୍କରେ ରଚିତ । ବ୍ୟାକରଣ, ରଚନାବଳୀ ଏବଂ ଶବ୍ଦକୋଷ ସମ୍ଭାରରେ ସମୃଦ୍ଧ । ଭାଷା ପ୍ରଶିକ୍ଷଣ ସମୟରେ ଏହି ପୁସ୍ତକକୁ ଆଧାରକରି ପ୍ରଶିକ୍ଷଣ ଦିଆଯାଉଥିଲେ ସୁଦ୍ଧା ସୀମିତ ସମୟ ମଧ୍ୟରେ ଭାଷା ଶିକ୍ଷା ସହଜସାଧ୍ୟ ନୁହେଁ । ତେଣୁ ସମୟୋପଯୋଗୀ ଭାଷାର ଦୈନନ୍ଦୀନ ବ୍ୟବହାରକୁ ନେଇ ଉନ୍ନୟନ ପ୍ରାଧିକାରୀ ଏବଂ ଜନଜାତି ଗୋଷ୍ଠୀଙ୍କ ସହ ସମୁଚିତ ଭାବେ ଭାବଗତ ଆଦାନ ପ୍ରଦାନର ମାଧ୍ୟମ ହିସାବରେ ଭାଷା ଶିକ୍ଷାର ଆବଶ୍ୟକତାକୁ ଲକ୍ଷ୍ୟକରି ଏକ ସରଳ ଭାଷା ଶିକ୍ଷଣ ପୁସ୍ତିକାର ପରିକଳ୍ପନା କରାଯାଇଛି । ଏଥିରେ ନୀତି ପ୍ରତିଦିନ ପ୍ରଜାତିକ ଗୋଷ୍ଠୀ ସହ ହେଉଥିବା ଆଳାପ ଆଲୋଚନାକୁ କେତୋଟି ସରଳବାକ୍ୟ ଛଳରେ ସିଧାସଳଖ ଉଦାହରଣ ହିସାବରେ ଦର୍ଶାଯାଇଛି । ଫଳତଃ ଉନ୍ନୟନ ବ୍ୟବସ୍ଥା ଏବଂ ପ୍ରଜାତିକ ଜନଗୋଷ୍ଠୀର ମାନସିକତା ସହ ଉଭୟେ ପରିଚିତ ହେବେ, ଆନ୍ତରିକତା ବଢ଼ିବା ସଙ୍ଗେ ସଙ୍ଗେ ପ୍ରତି ପ୍ରତ୍ୟେକଙ୍କ ସହ ବିଶ୍ୱାସ ଭାଜନ ହେବେ । ବିଶ୍ୱାସଟିଏ ପ୍ରତିଷ୍ଠିତ ହୋଇଗଲେ ଯୋଜନା ରୂପାୟନ କରିବା ସହଜ ସାଧ୍ୟ ହୁଏ । ଏହି ବିଶ୍ୱାସକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଶିକ୍ଷଣ ପୁସ୍ତିକା ପ୍ରସ୍ତୁତ କରାଯାଇଛି । ପ୍ରସ୍ତୁତ "ଭୂମିଜ ଭାଷା ଶିକ୍ଷଣ ପୁସ୍ତିକା" ତନ୍ମଧ୍ୟରୁ ଅନ୍ୟତମ ।

ଏହି ପୁସ୍ତିକାକୁ ସଂକଳନ କରିଛନ୍ତି ଡ଼ଃ ଲତା ଭୋଳ, ଉଦଳା, ମୟୁରଭଞ୍ଜ । ପୁସ୍ତିକା ପ୍ରକାଶନ ଅବସରରେ ଏକାଡ଼େମୀ ତାଙ୍କ ନିକଟରେ କୃତଜ୍ଞ ।

ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଭୁବନେଶ୍ୱର

# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| I. | ମୁଖବନ୍ଧ | |
| II. | ଉପକ୍ରମଣିକା | |
| ୧. | ସର୍ବନାମ ଏବଂ ଏହାର ପ୍ରୟୋଗ | ୧-୭ |
| ୨. | ଶରୀରର ବିଭିନ୍ନ ଅଂଶର ନାମ | ୮-୧୦ |
| ୩. | ପ୍ରାକୃତିକ ନାମ | ୧୧-୧୨ |
| ୪. | ବିଭିନ୍ନ ପ୍ରକାର ଜମିର ନାମ | ୧୨ |
| ୫. | ବିଭିନ୍ନ ପ୍ରକାର ଶସ୍ୟ ଓ ଫୁଲର ନାମ | ୧୩-୧୪ |
| ୬. | ବିଭିନ୍ନ ପ୍ରକାର ଗଛର ନାମ | ୧୫-୧୬ |
| ୭. | ଘରର ବିବରଣୀ | ୧୬ |
| ୮. | କୃଷି ସରଞ୍ଜାମ | ୧୭ |
| ୯. | ବାର, ମାସ ଏବଂ ଋତୁ | ୧୮ |
| ୧୦. | ସାଧାରଣ କ୍ରିୟା | ୧୯-୨୧ |
| ୧୧. | କାଳ : ବର୍ତ୍ତମାନ, ଅତୀତ, ଭବିଷ୍ୟତ | ୨୨-୩୦ |
| ୧୨. | ସାଧାରଣ ବାକ୍ୟାବଳୀ | ୩୧-୮୦ |
| ୧୩. | କେତେକ ଶିଷ୍ଟାଚାର ଶବ୍ଦ ଏବଂ ବାକ୍ୟାଂଶ | ୮୫-୮୬ |
| ୧୪. | ଆଦେଶ / ଅନୁଜ୍ଞା ବାକ୍ୟାବଳୀ | ୮୬-୯୭ |

# ଉପକ୍ରମଣିକା

ଓଡ଼ିଶାରେ ବସବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ମୁଣ୍ଡା ଅନ୍ୟତମ ସଂଖ୍ୟାଗରିଷ୍ଠ ଜନଜାତି । ଏମାନେ ମୁଖ୍ୟତଃ ଓଡ଼ିଶାର ଅବିଭକ୍ତ ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୁରଭଞ୍ଜ ଜିଲ୍ଲାରେ ବସବାସ କରନ୍ତି । ଏମାନେ ପ୍ରୋଟୋ ଅଷ୍ଟ୍ରୋଲଏଡ୍ ଭାଷା ଅନ୍ତର୍ଭୁକ୍ତ ଉତ୍ତର ମୁଣ୍ଡା ଗୋଷ୍ଠୀର ମୁଣ୍ଡାରୀ ଭାଷାରେ ଭାବ ବିନିମୟ କରିଥାନ୍ତି । ମୁଣ୍ଡା, ମୁଣ୍ଡାରୀ, ଭୂମିଜ ଏପରିକି ହୋ ତଥା କୋହ୍ଲ ମାନଙ୍କ ଭାଷାରେ ସହୋଦରା ସମ୍ପର୍କ ବିଦ୍ୟମାନ । ଏକ ପରିବାରରୁ ଉଦ୍ଭବ ହୋଇ କାଳକ୍ରମେ ବିଭିନ୍ନ ଅଞ୍ଚଳରେ ବସବାସ କରି ବିଭିନ୍ନ ନାମରେ ପରିଚିତ ହୋଇଥିଲେ ସୁଦ୍ଧା ଭାଷାର ମୂଳସୂତ୍ର ଏକ ଓ ଅଭିନ୍ନ ।

ମୁଣ୍ଡା ସମ୍ପ୍ରଦାୟର ଏକ ନିଜସ୍ୱ ଭାଷା ଅଛି ଯାହା 'ମୁଣ୍ଡାରୀ' ନାମରେ ଅଭିହିତ । ଏହି ଭାଷା ଉପଜାତି ଭିତ୍ତିକ ଭାଷାତତ୍ତ୍ୱ ଦୃଷ୍ଟିରୁ ମୁଣ୍ଡାଭାଷା – ପରିବାର ଅନ୍ତର୍ଗତ ଓ ଅନ୍ୟାନ୍ୟ ସଜାତୀୟ ଭାଷା ସହିତ ସମ୍ପର୍କିତ । ନିମ୍ନାଙ୍କିତ ନକ୍ସା ମାଧ୍ୟମରେ ଏହି ସମ୍ପର୍କର ସୂତ୍ର ଅବଧାରଣୀୟ ।

## ମୁଣ୍ଡା-ପରିବାର

- ଦକ୍ଷିଣ ମୁଣ୍ଡା
  - ଗାଦବା
  - ସଉରା
  - ପାରେଙ୍ଗା
  - ବଣ୍ଡା
  - ଡିଡ଼ାୟୀ
- କେନ୍ଦ୍ରୀୟ ମୁଣ୍ଡା
  - ଖରିଆ
  - ଖରିଆ
  - ଜୁଆଙ୍ଗ
- ଉତ୍ତର ମୁଣ୍ଡା
  - କୋରକୁ
  - ଖେରୱାରୀ
    - ସାନ୍ତାଳୀ, ମାହାଲୀ, ବିରହୋର
    - ମୁଣ୍ଡାରୀ, ଭୂମିଜ, ମୁଣ୍ଡା
    - ହୋ, କୋରୁଆ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ପୂର୍ବରୁ ମୁଣ୍ଡାରୀ ଏବଂ ଭୂମିଜ ଭାଷାରେ ଭାଷା ଓ ଶବ୍ଦକୋଷ ସମ୍ପର୍କୀତ ଦୁଇଟି ପ୍ରାମାଣିକ ପୁସ୍ତକ ପ୍ରକାଶ କରିଛି । ଏଥିରେ ମୁଣ୍ଡା ବ୍ୟାକରଣର ପ୍ରାରୂପ ସମ୍ପର୍କରେ ଆଲୋଚନା କରାଯାଇଛି । ତେବେ ମୁଣ୍ଡା ଭାଷାକୁ ସହଜ ଓ ସରଳଭାବରେ ଶିଖିବା ପାଇଁ ସମ୍ପ୍ରତି ଏକାଡେମୀ ଦ୍ୱାରା "ଭୂମିଜ ଭାଷା ଶିକ୍ଷଣ ପୁସ୍ତିକା"ର ପରିକଳ୍ପନା କରାଯାଇଛି ।

ସମ୍ପ୍ରତି ଭୂମିଜ ଭାଷାରେ ସ୍ଥାନୀୟ ଭାଷାର ପ୍ରଭାବ ଯୋଗୁଁ ଏହି ଭାଷାର ଅସ୍ମିତା ପ୍ରତି ବିପଦ ଦେଖାଦେଇଛି । ବିଶେଷତଃ ଶିଳ୍ପାଞ୍ଚଳ ମାନଙ୍କରେ ବସବାସ କରୁଥିବା ମୁଣ୍ଡାମାନେ ଏବଂ ଶିକ୍ଷିତ ମୁଣ୍ଡା ଗୋଷ୍ଠୀ ନିଜସ୍ୱ ଭାଷାରୁ ଦୂରେଇ ଯାଇ ସାଦ୍ରୀ, ଓଡ଼ିଆ ଏବଂ ହିନ୍ଦୀ ଭାଷାକୁ ଏକାତ୍ମ କରିବାରେ ଲାଗିଛନ୍ତି । ଏକ ଭାଷା ଲୋପ ପାଇଯିବା ଅର୍ଥ ଏକ ସଂସ୍କୃତିର ଅପମୃତ୍ୟୁ ହୋଇଛି ବୋଲି ଧରିନେବାକୁ ହେବ । ତେଣୁ ସଂସ୍କୃତିକୁ ଜାଣିବାକୁ ହେଲେ ତାର ଭାଷାକୁ ବଞ୍ଚାଇ ରଖିବା ନିହାତି ଆବଶ୍ୟକ । ସରଳ ଓ ବୋଧଗମ୍ୟ ଭାଷାରେ ମୁଣ୍ଡା ଭାଷାଭାଷୀଙ୍କ ସହିତ ଭାବଗତ ଆଦାନପ୍ରଦାନ କରିବା ପାଇଁ ଏହି ଶିକ୍ଷଣ ପୁସ୍ତିକାର ପରିକଳ୍ପନା କରାଯାଇଛି ।

ଭାଷାଶିକ୍ଷଣ ପ୍ରକ୍ରିୟା ଏକ ଜଟିଳ ପଦ୍ଧତି । କିନ୍ତୁ ଥରେ ଆୟତ୍ତ ହୋଇଗଲେ ଶିକ୍ଷଣ ପଦ୍ଧତି ସରଳ ହୋଇଥାଏ । ଏହି ସରଳ ପ୍ରକ୍ରିୟା ଆଉ କି ପଦ୍ଧତି ଅବଲମ୍ବନରେ ସରଳତର ହେବ ତାହା ପାଠକୀୟ ଆବେଦନ ଉପରେ ନିର୍ଭର କରେ ।

ଏହି ସଂକଳନଟି ଏକ ପ୍ରାଥମିକ ପଦକ୍ଷେପ । ପାଠକଙ୍କ ମତାମତି ଲାଭ କଲାପରେ ଏହାକୁ ଏକାଡ଼େମୀ ଆହୁରି ସୁଗମ କରାଯିବାର ଯୋଜନା ରଖିବ । ପରବର୍ତ୍ତି ସଂସ୍କରଣରେ ପାଠକଙ୍କ ମତାମତକୁ ସମ୍ମାନ ଜଣାଇ ଆବଶ୍ୟକୀୟ ପରିମାର୍ଜନ ଓ ପରିବର୍ଦ୍ଧନ କରିବାକୁ ଚେଷ୍ଟା କରିବ ।

# PRONOUN ସର୍ବନାମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| I | ମୁଁ | ଆଞ୍ଜ |
| We | ଆମ୍ଭେମାନେ | ଆଲେ |
| You | ତୁ | ଆମ୍ |
| You | ତୁମେ | ଆବିନ୍ |
| You | ତୁମ୍ଭେମାନେ | ଆପେକ |
| He | ସେ (ପୁ) | ଆକିନ୍ |
| She | ସେ (ସ୍ତ୍ରୀ) | ଆଏ |
| It/This | ଏହା | ନିୟା |
| They | ସେମାନେ | ଆକ |
| Thou | ତୁମ୍ଭେମାନେ | ଆପେମାନକ |
| Thee | ତୋତେ | ଆମ୍‌କେ |
| (To you) | ତୁମକୁ | ଆବିନ୍‌କେ |
| Me | ମୋତେ | ଆଞ୍ଜ୍‌କେ |
| You | ତୁମ୍ଭଙ୍କୁ / ତୁମ୍ଭମାନଙ୍କୁ | ଆମ୍‌କେ/ଆପେମାନ୍‌କକେ |
| His | ତାହାର/ ତାଙ୍କର | ଆୟାଃ / ଆକିନାଃ |
| Her | ତାକୁ / ତାହାର | ଆଏକେ / ଆକିନାଃ |
| Him | ତାହାକୁ / ତାଙ୍କୁ | ଆକିନ୍‌କେ/ଆକିନ୍ |
| Us | ଆମ୍ଭମାନଙ୍କୁ | ଆବୁମାନ୍‌କକେ |
| Them | ସେମାନଙ୍କୁ | ଆକକେ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| My | ମୋର | ଆଞ୍ଜାଃ |
| Your | ତୋର | ଆମାଃ |
| Your | ତୁମ୍ଭର / ତୁମ୍ଭମାନଙ୍କର | ଆବିନାଃ/ଆପେମାନ୍କଆଃ |
| Our | ଆମ୍ଭର / ଆମ୍ଭମାନଙ୍କର | ଆବୁଆଃ/ଆବୁମାନ୍କଆଃ |
| Their | ସେମାନଙ୍କର | ଆକଆଃ |
| Of thee | ଏମାନଙ୍କର | ନିକୁଆ |
| Myself | ମୁଁ ନିଜେ | ଆଞ୍ଜେଗେ |
| Yourself | ତୁ ନିଜେ | ଆମ୍‌ଗେ |
| | ତୁମେ ନିଜେ | ଆବିନ୍‌ଗେ |
| Himself | ସେ ନିଜେ | ଆଏଗେ |
| Herself | ସେ ନିଜେ (ସ୍ତ୍ରୀ) | ଆକିନ୍‌ଗେ |
| Ourselves | ଆମ୍ଭେମାନେ ନିଜେ | ଆବୁମାନ୍‌ଗେ |
| Yourselves | ତୁମ୍ଭେମାନେ ନିଜେ | ଆପେମାନ୍‌ଗେ |
| Themselves | ସେମାନେ ନିଜେ | ଆକଗେ |
| These | ଏଗୁଡ଼ିକ / ଏସବୁ | ନିୟାକ / ନିୟାଃ |
| Those | ସେଗୁଡ଼ିକ / ସେସବୁ | ଇନାକ / ଇନା |
| Who | କିଏ | ଅକୟ |
| What | କ'ଣ | କାନାଃ |
| Why | କାହିଁକି | ଚିୟା |
| Where | ଜେଉଁଠାରେ | ଅକାରେ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| When | କେତେବେଳେ/ କେବେ | ଚିମତ୍ରୁଂ / ଚିମିନ୍‌ରେ |
| Which | କେଉଁଟି | ଅକାରେ |
| Whose | କାହାର | ଅକୟାଃ |
| Whom | କାହାକୁ | ଅକୟକେ |
| How | କିପରି/କେତେ/ କେମିତି | ଚିଲିକାତେ/ଚିମିନୁଂ |
| Howmany | କେତେ ସଂଖ୍ୟକ | ଅକଲେକାତେ |
| Howmuch | କେତେ ପରିମାଣ | ଚିମିନ୍‌ଲେକା |
| Here | ଏଇଠି | ନେରେ |
| This | ଏହା | ନିୟା |
| Of these | ଏମାନଙ୍କର | ନିକୁକଆଃ |

# FIRST PERSON ପ୍ରଥମ ପୁରୁଷ

| କାରକ | ବିଭକ୍ତି | ଏକବଚନ | |
|---|---|---|---|
| | | ଓଡ଼ିଆ ରୂପ | ମୁଣ୍ଡା (ଭୂମିଜ)ରୂପ |
| କର୍ତ୍ତୃ କାରକ | ପ୍ରଥମା | ମୁଁ | ଆଞ୍ଜ |
| କର୍ମ କାରକ | ଦ୍ୱିତୀୟା | ମୋତେ | ଆଞ୍ଜ୍‌କେ |
| କରଣ କାରକ | ତୃତୀୟା | ମୋ ଦ୍ୱାରା | ଆଞ୍ଜାଦିୟାଁତେ |
| ସଂପ୍ରଦାନ କାରକ | ଚତୁର୍ଥୀ | ମୋ ପାଇଁ | ଆଞ୍ଜନାତେନ୍ |
| ଅପାଦାନ କାରକ | ପଞ୍ଚମୀ | ମୋ ଠାରୁ | ଆଞ୍ଜ୍‌ତାଃତେଦ୍‌ୟା |
| ସମ୍ବନ୍ଧ କାରକ | ଷଷ୍ଠୀ | ମୋର | ଆଞ୍ଜାଃ |
| ଅଧିକରଣ କାରକ | ସପ୍ତମୀ | ମୋ ଠାରେ | ଆଞ୍ଜ୍‌ତାଃରେ |

| ଦ୍ୱିବଚନ | | ବହୁବଚନ | |
|---|---|---|---|
| ଓଡ଼ିଆ ରୂପ | ମୁଣ୍ଡା ଭୂମିଜରୂପ | ଓଡ଼ିଆ ରୂପ | ମୁଣ୍ଡା ଭୂମିଜରୂପ |
| ଆମ୍ଭେ ଦୁହେଁ | ଆଲାଂ | ଆମ୍ଭେମାନେ | ଆବୁମାନ୍‌କ |
| ଆମ୍ଭ ଦୁହିଁଙ୍କୁ | ଆଲାଂକେ | ଆମ୍ଭମାନଙ୍କୁ | ଆବୁମାନ୍‌କକେ |
| ଆମ୍ଭ ଦୁହିଁଙ୍କଦ୍ୱାରା | ଆଲାଂଆଃଦିୟାଁତେ | ଆମ୍ଭମାନଙ୍କ ଦ୍ୱାରା | ଆବୁମାନ୍‌କ ଦିୟାତେ |
| ଆମ୍ଭ ଦୁହିଁଙ୍କପାଇଁ | ଆଲାଂନାତେନ୍ | ଆମ୍ଭମାନଙ୍କ ପାଇଁ | ଆବୁମାନ୍‌କ ନାତେନ୍ |
| ଆମ୍ଭ ଦୁହିଁଙ୍କଠାରୁ | ଆଲାଂତାଃତେୟାଦ୍ | ଆମ୍ଭମାନଙ୍କଠାରୁ | ଆବୁମାନ୍‌କ ତାଃତେୟାଦ୍ |
| ଆମ୍ଭ ଦୁହିଁଙ୍କର | ଆଲାଂଆଃ | ଆମ୍ଭମାନଙ୍କର | ଆବୁମାନ୍‌କଆଃ |
| ଆମ୍ଭ ଦୁହିଁଙ୍କଠାରେ | ଆଲାଂତାଃରେ | ଆମ୍ଭମାନଙ୍କଠାରେ | ଆବୁମାନ୍‌କତାଃରେ |

# SECOND PERSON ଦ୍ୱିତୀୟ ପୁରୁଷ

| କାରକ | ବିଭକ୍ତି | ଏକବଚନ ଓଡ଼ିଆ ରୂପ | ଏକବଚନ ମୁଣ୍ଡା ଭୂମିଜ ରୂପ |
|---|---|---|---|
| କର୍ତ୍ତୃ କାରକ | ପ୍ରଥମା | ତୁ / ତୁମେ | ଆମ୍/ଆବିନ୍ |
| କର୍ମ କାରକ | ଦ୍ୱିତୀୟା | ତୋତେ / ତୁମକୁ | ଆମ୍‌କେ/ଆବିନ୍‌କେ |
| କରଣ କାରକ | ତୃତୀୟା | ତୋ ଦ୍ୱାରା / | ଆମ୍ ଦିୟାତେ |
| | | ତୁମ ଦ୍ୱାରା | ଆବିନାଃ ଦିୟାତେ |
| ସଂପ୍ରଦାନ କାରକ | ଚତୁର୍ଥୀ | ତୋ ପାଇଁ | ଆମ୍ ନାତେନ୍ |
| | | ତୁମ ପାଇଁ | ଆବିନ୍ ନାତେନ୍ |
| ଅପାଦାନ କାରକ | ପଞ୍ଚମୀ | ତୋ ଠାରୁ | ଆମ୍‌ତାଃ ତେୟାଦ୍ |
| | | ତୁମଠାରୁ | ଆବିନ୍ ତାଃ ତେୟାଦ୍ |
| ସମ୍ବନ୍ଧ କାରକ | ଷଷ୍ଠୀ | ତୋର/ ତୁମର | ଆମାଃ/ଆବିନାଃ |
| ଅଧିକରଣ କାରକ | ସପ୍ତମୀ | ତୋ ଠାରୁ | ଆମ୍ ତାଃରେ |
| | | ତୁମଠାରେ | ଆବିନ୍ ତାଃରେ |

| ଦ୍ୱିବଚନ ଓଡ଼ିଆ ରୂପ | ଦ୍ୱିବଚନ ମୁଣ୍ଡା ଭୂମିଜରୂପ | ବହୁବଚନ ଓଡ଼ିଆ ରୂପ | ବହୁବଚନ ମୁଣ୍ଡା ଭୂମିଜରୂପ |
|---|---|---|---|
| ତୁମ୍ଭେ ଦୁହେଁ | ଆବିନ୍ | ତୁମ୍ଭେମାନେ | ଆପେମାନ୍‌କ |
| ତୁମ୍ଭ ଦୁହିଁଙ୍କୁ | ଆବିନ୍‌କେ | ତୁମ୍ଭମାନଙ୍କୁ | ଆପେମାନ୍ |
| ତୁମ୍ଭ ଦୁହିଁଙ୍କଦ୍ୱାରା | ଆବିନାଃ ଦିୟାତେ | ତୁମ୍ଭମାନଙ୍କ ଦ୍ୱାରା | କଆ ଦିୟାତେ |
| ତୁମ୍ଭ ଦୁହିଁଙ୍କପାଇଁ | ଆବିନ୍ ନାତେନ୍ | ତୁମ୍ଭମାନଙ୍କ ପାଇଁ | ନାତେନ୍ |
| ତୁମ୍ଭ ଦୁହିଁଙ୍କଠାରୁ | ଆବିନ୍ ତାଃ ତେୟାଦ୍ | ତୁମ୍ଭମାନଙ୍କଠାରୁ | ଆପେମାନ୍‌କ |
| | | | ତାଃତେୟାଦ୍ |
| ତୁମ୍ଭ ଦୁହିଁଙ୍କର | ଆବିନାଃ | ତୁମ୍ଭମାନଙ୍କର | ଆପେମାନ୍ |
| ତୁମ୍ଭ ଦୁହିଁଙ୍କଠାରେ | ଆବିନ୍ ତାଃରେ | ତୁମ୍ଭମାନଙ୍କଠାରେ | ତାଃରେ |

# THIRD PERSON ତୃତୀୟପୁରୁଷ

| କାରକ | ବିଭକ୍ତି | ଏକବଚନ | |
|---|---|---|---|
| | | ଓଡ଼ିଆ ରୂପ | ମୁଣ୍ଡା ଭୂମିଜରୂପ |
| କର୍ତ୍ତୃ କାରକ | ପ୍ରଥମା | ସେ | ଆଏ |
| କର୍ମ କାରକ | ଦ୍ୱିତୀୟା | ତାକୁ | ଆଏକେ |
| କରଣ କାରକ | ତୃତୀୟା | ତାହା ଦ୍ୱାରା | ଆକିନାଃ |
| ସଂପ୍ରଦାନ କାରକ | ଚତୁର୍ଥୀ | ତାହା ପାଇଁ | ଆକିନ୍ ନାତେନ୍ |
| ଅପାଦାନ କାରକ | ପଞ୍ଚମୀ | ତାହା ଠାରୁ /ତାଙ୍କ ଠାରୁ | ଆଏତାଃ କେୟାଦ୍ |
| ସମ୍ବନ୍ଧ କାରକ | ଷଷ୍ଠୀ | ତାହାର /ତାଙ୍କର | ଆକିନ୍ ତାଃ ତେୟାଦ୍ |
| ଅଧିକରଣ କାରକ | ସପ୍ତମୀ | ତାହା ଠାରେ | ଆୟାଃ/ଆକିନାଃ |

| ଦ୍ୱିବଚନ | | ବହୁବଚନ | |
|---|---|---|---|
| ଓଡ଼ିଆ ରୂପ | ମୁଣ୍ଡା ଭୂମିଜରୂପ | ଓଡ଼ିଆ ରୂପ | ମୁଣ୍ଡା ଭୂମିଜରୂପ |
| ସେ ଦୁହେଁ | ଆକିନ୍ | ସେମାନେ | ଆକ |
| ସେ ଦୁହିଁଙ୍କୁ | ଆକିନ୍‌କେ | ସେମାନଙ୍କୁ | ଆକକେ |
| ସେ ଦୁହିଁଙ୍କଦ୍ୱାରା | ଆକିନା ଦିୟାତେ | ସେମାନଙ୍କ ଦ୍ୱାରା | ଆକିଆଃ ଦିୟାତେ |
| ସେ ଦୁହିଁଙ୍କପାଇଁ | ଆକିନ୍ ନାତେନ୍ | ସେମାନଙ୍କ ପାଇଁ | ଆକଆଃ ନାତେନ୍ |
| ସେ ଦୁହିଁଙ୍କଠାରୁ | ଆକିନ୍‌ତାଃ ତେୟାଦ୍ | ସେମାନଙ୍କଠାରୁ | ଆକତାଃ ତେୟାଦ୍ |
| ସେ ଦୁହିଁଙ୍କର | ଆକିନାଃ | ସେମାନଙ୍କର | ଆକମାନ୍ କଆଃ |
| ସେ ଦୁହିଁଙ୍କଠାରେ | ଆକିନ୍‌ତାଃରେ | ସେମାନଙ୍କଠାରେ | ଆକତାଃରେ |

# କିଏ

| ଏକବଚନ | | | |
|---|---|---|---|
| କାରକ | ବିଭକ୍ତି | ଓଡ଼ିଆ ରୂପ | ମୁଣ୍ଡା ଭୂମିଜ ରୂପ |
| କର୍ତ୍ତୃ କାରକ | ପ୍ରଥମା | କିଏ | ଅକୟ |
| କର୍ମ କାରକ | ଦ୍ୱିତୀୟା | କାହାକୁ | ଅକୟକେ |
| କରଣ କାରକ | ତୃତୀୟା | କାହା ଦ୍ୱାରା | ଅକୟାଃ ଦିୟାତେ |
| ସଂପ୍ରଦାନ କାରକ | ଚତୁର୍ଥୀ | କାହା ପାଇଁ | ଅକୟ ନାତେନ୍ |
| ଅପାଦାନ କାରକ | ପଞ୍ଚମୀ | କାହାଠାରୁ | ଅକୟ ତାଃ ତେୟାଦ୍ |
| ସମ୍ବନ୍ଧ କାରକ | ଷଷ୍ଠୀ | କାହାର | ଅକୟାଃ |
| ଅଧିକରଣ କାରକ | ସପ୍ତମୀ | କାହାଠାରେ | ଅକୟତାଃରେ |

| ବହୁବଚନ | | | |
|---|---|---|---|
| କାରକ | ବିଭକ୍ତି | ଓଡ଼ିଆ ରୂପ | ମୁଣ୍ଡା ଭୂମିଜ ରୂପ |
| କର୍ତ୍ତୃ କାରକ | ପ୍ରଥମା | କେଉଁମାନେ | ଅକୟକ |
| କର୍ମ କାରକ | ଦ୍ୱିତୀୟା | କେଉଁମାନଙ୍କୁ | ଅକୟକକେ |
| କରଣ କାରକ | ତୃତୀୟା | କେଉଁମାନଙ୍କ ଦ୍ୱାରା | ଅକୟକଆଃ ତିୟାତେ |
| ସଂପ୍ରଦାନ କାରକ | ଚତୁର୍ଥୀ | କେଉଁମାନଙ୍କ ପାଇଁ | ଅକମାନ୍‌କ ନାତେନ୍ |
| ଅପାଦାନ କାରକ | ପଞ୍ଚମୀ | କେଉଁମାନଙ୍କଠାରୁ | ଅକମାନ୍‌କ ତାଃ ତେୟାଦ୍ |
| ସମ୍ବନ୍ଧ କାରକ | ଷଷ୍ଠୀ | କେଉଁମାନଙ୍କର | ଅକମାନ୍ କଆଃ |
| ଅଧିକରଣ କାରକ | ସପ୍ତମୀ | କେଉଁମାନଙ୍କଠାରେ | ଅକମାନ୍‌କ ତାଃରେ |

# PARTS OF THE BODY

## ଶରୀରର ଅଙ୍ଗପ୍ରତ୍ୟଙ୍ଗ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Head and Trunk | ମୁଣ୍ଡ ଓ ଗଣ୍ଡି | ବଅ ଅର୍ ହଲ୍କ |
| Face | ମୁହଁ | ମେନ୍‌ହାଁ |
| Mouth | ପାଟି | ମଚା |
| Eye | ଆଖି | ମେଦ୍ |
| Eye Lid | ଆଖିପତା | ମେଦ୍ ଉବ୍ |
| Tooth | ଦାନ୍ତ | ଡ଼ାଟା |
| Tongue | ଜିଭ | ଆଲାଂ |
| Forehead | କପାଳ | ମଲଂ |
| Skull | ଖପୁରୀ | ଖପୁରି |
| Brain | ମସ୍ତିଷ୍କ | ହାତାଂ |
| Cheek | ଗାଲ | ଜଆ |
| Hair | ବାଳ | ଉବ୍ |
| Ear | କାନ | ଲୁତୁର୍ |
| Throat | ଗଳା | ନାରିଳି |
| Neck | ବେକ | ହଟଃ |
| Ribs | ପଞ୍ଜରା | ପାଞ୍ଜାର୍ |
| Chest | ଛାତି | କୁଲାମ୍ |
| Lungs | ଫୁସଫୁସ୍ | ଫୁସଫୁସ୍ |
| Spleen | ପ୍ଲୀହା | ପିଲେଇ |
| Stomach | ପାକସ୍ଥଳୀ | ପଟା |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Belly | ପେଟ | ଲାଇ |
| Abdomen | ତଳିପେଟ | ଲାତାର୍ ଲାଇ |
| Shoulder | କାନ୍ଧ | ତାରନ୍ |
| Arm | ବାହୁ | ତିଇ ସୁପୁ |
| Elbow | କହୁଣୀ | ଉକା |
| Hand | ହାତ | ତିଇ |
| Palm | ପାପୁଲି | ତାଲ୍‌କା |
| Finger | ଆଙ୍ଗୁଠି | ଡ଼ାଡ଼ |
| Left Hand | ବାମ ହାତ | ଲେଙ୍ଗାତି |
| Right Hand | ଡାହାଣ ହାତ | ଜମ୍‌ତି |
| Nose | ନାକ | ମୁଁ |
| Lip | ଓଠ | ଲାଚ |
| Chin | ଥୋଡ଼ି | ଦାଚଃ |
| Tonsil | ଘଣ୍ଟିକା | ନାରିଳି |
| Wrist | ମଣିବନ୍ଧ | ତିଇଚମ୍ପା ଜାଂ |
| Nail | ନଖ | ସାରସାର |
| Thumb | ବୃଦ୍ଧାଙ୍ଗୁଳି | ବୁଡ଼ାଡ଼ାଡ଼ |
| Fore Finger | ତର୍ଜନି | ଚୁଣ୍ଡୁଲ ଡ଼ାଡ଼ |
| Middle Finger | ମଧ୍ୟମା | ତାଲା ଡ଼ାଡ଼ |
| Ring Finger | ଅନାମିକା | କାଲୁମୁଦ୍ ଡ଼ାଡ଼ |
| Little Finger | କନିଷ୍ଠା | କାନିଡ଼ାଡ଼ |
| Navel | ନାଭି | ବୁଟି |
| Bac | ପିଠି | ଦେୟା |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Backbone | ମେରୁଦଣ୍ଡ | ବିଶିଜାଂ |
| Waist | ଅଣ୍ଟା | ମାୟାଂ |
| Armpit | କାଖ | ହାତାଲାଃ |
| Thigh | ଜଙ୍ଘ | ବୁଲୁ |
| Anus | ମଳଦ୍ୱାର | ଲାଣ୍ଡି |
| Skin | ଚମଡ଼ା | ହାର୍‌ତାଃ |
| Umbilical Cord | ନାଭିପୋଙ୍ଗା | ବୁଟିପଟା |
| Knee | ଆଣ୍ଠୁ | ମୁକୁଲି |
| Leg | ଗୋଡ଼ | କାଟା |
| Ankle | ବଳାଗଣ୍ଠି | ଠଣେଂଙ୍କାଂ |
| Foot | ପାଦ | କାଟା ତାଲ୍‌କା |
| Heel | ଗୋଇଠି | ଇଡ଼ି |
| Sole | ତଳିପାଦ | ଲାତାର୍ ତାଲ୍‌କା |
| Toe | ପାଦ ଆଙ୍ଗୁଠି | କାଟା ଡ଼ାଡ଼୍ |
| Breast | ସ୍ତନ | ନୁନୁ |
| Liver | ଯକୃତ | କାଲ୍‌ଜା |
| Buttock | ପିଚା | ଲାଣ୍ଡି ଫଳି |
| Lap | କୋଳ | କଲେ |
| Pulse | ନାଡ଼ି | ନାଟିକା |
| Kidney | ମୁତ୍ରକୋଷ | ରାଚା ଅଳାଃ |
| Heart | ହୃଦୟ | କୁଲାମ୍ |
| Bone | ହାଡ଼ / ଅସ୍ଥି | ଜାଂ |
| Tear | ଲୁହ | ମେଦ୍‌ଦାଃ |
| Body | ଶରୀର | ହଲ୍ଲ |
| Eye brow | ଭ୍ରୂଲତା | ମେଦ୍‌ଉବ୍ |
| Unethra | ମୁତ୍ରଦ୍ୱାର | ଡ଼ଡ଼ଃହରା |
| Nipple | ସ୍ତନାଗ୍ର | ନୁନୁବୁଟି |

# NATURAL NAMES ପ୍ରାକୃତିକ ନାମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Forest | ଜଙ୍ଗଲ | ବିର୍ |
| Hill | ପାହାଡ଼ | ବୁରୁ |
| Stream | ଝରଣା | ଝରନ୍ |
| River | ନଦୀ | ଗାଡ଼ା |
| Stone | ପଥର | ଧିରି |
| Earth | ପୃଥିବୀ | ମିରଥିକା |
| Sand | ବାଲି | ଗିତିଲ୍ |
| Air / Wind | ପବନ / ବାୟୁ | ହୟ |
| Water | ପାଣି | ଦାଃ |
| Sun | ସୂର୍ଯ୍ୟ | ସିଙ୍ଗି |
| Moon | ଚନ୍ଦ୍ର | ଚାଣ୍ଡୁ |
| Sky | ଆକାଶ | ରିମିଲି |
| Star | ତାରକା | ଇପିଲ୍ |
| Thunder | ଚଡ଼ଚଡ଼ି / ଘଡ଼ଘଡ଼ି | ଠାଏରାଳା |
| Lightening | ବିଜୁଳି | ବିଜିଲି |
| Rain | ବର୍ଷା | ଦାଃ |
| Ray | କିରଣ | ତାରାସ୍ |
| Cloud | ବାଦଲ | କୁହୁଳା |
| Moon light | ଚନ୍ଦ୍ର କିରଣ | ତେତେଃ |
| Sun light | ସୂର୍ଯ୍ୟ କିରଣ | ସିଂଗି ମାସ୍କାଲ |
| Full moon | ପୂର୍ଣ୍ଣମୀ | ପୁନେଇ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| New moon | ଅମାବାସ୍ୟା | ଆମାସା |
| Solar Eclipse | ସୂର୍ଯ୍ୟପରାଗ | ସିଙ୍ଗି ଗାହାନା |
| Lunar Eclipse | ଚନ୍ଦ୍ରଗ୍ରହଣ | ଚାଣ୍ଡୁ ଗାହାନା |
| Fortnight | ପକ୍ଷ | |
| Dark fortnight | କୃଷପକ୍ଷ | ନୁବାଃ ନିଦା |
| Bright fortnight | ଶୁକ୍ଳପକ୍ଷ | ଡେଡେଃ ନିଦା |
| Wind | ପବନ | ହୟ |
| Strom | ଝଡ଼ | ହୟଗାମା |

# LANDTYPE ଜମି କିସମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Land | ଜମି | ହାସା |
| Dry land | ଢିପ ଜମି | ଢିପାହାସା |
| Wet land | ନାଳି ଜମି / | ବେଶେ ହାସା |
| | ବାହଲ ଜମି | |
| Hill Slope land | ପାହାଡ଼ିଆ ଢାଲୁ ଜମି | ନାଲ୍କା ହାସା |
| Hilly land | ପାହାଡ଼ିଆ ଜମି | ବିରଆତମ୍ ହାସା |
| Kitchen garden | ବଗିଚା | ବାଗାନ୍ |
| Guda land (Up-land) | ଢିପ ଜମି | ଢିପାହାସା |
| Midium land | ମାଳ ଜମି | ଭୂଲା ହାସା |
| Plateau | ମାଳଭୂମି | ଗେଂଟା ହାସା |
| River bank | ନଦୀ କୂଳ | ଗାଡ଼ା ଆତମ୍ ହାସା |

# NAME OF THE CROPS ଶସ୍ୟର ନାମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Paddy | ଧାନ | ବାବା |
| Wheat | ଗହମ | ଗହମ୍ |
| Regi | ମାଣ୍ଡିଆ | |
| Minor Millet | ଗୁଲଜି / ଚଣା | କେଶାରୀ |
| Kodoi | କୋଦୁଅ | |
| Maize | ମକା | ଜଣ୍ଡରା |
| Jowar | ଗଙ୍ଗାଇ | |
| Cotton | କପା | କାସ୍କମ୍ |
| Red gram | ହରଡ଼ | ରାହାଲି |
| Black gram | ବିରି | ରାମ୍ଭା |
| Horse gram | କୋଳଥ | ହଳେଃ |
| Green gram | ମୁଗ | ମୁଗି |
| Lentils | ମସୁର | ମୁଶୁରି |
| Ground gram | ବୁଟ | ବ୍ରୁଟ୍ |
| Pea | ମଟର ଛୁଇଁ | ମଟର୍ ଜଅ |
| Sesamum | ରାଶି | କୁଇଣ୍ଡି |
| Mustard | ଶୋରିଷ | ମାନି |
| Nizar | ଅଲସୀ | |
| Dal | ଡାଲି | ଦାଲି |
| Ground nut | ବାଦାମ | ବାଦାମ୍ |
| Bean | ଶିମ୍ବ | ମାଲାଲ୍ |

# FLOWER ଫୁଲ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Flower | ଫୁଲ | ବାଆ |
| Marigold | ଗେଣ୍ଡୁ | ସଅରାଇ ବାଆ |
| Rose | ଗୋଲାପ | ଗୁଲାପ୍ |
| China rose | ମନ୍ଦାର | ରାଙ୍ଗାବାଆ |
| Tulip | ମଲ୍ଲୀ | ମଲ୍ଲୀ |
| Moonbean | ଟଗର | |
| Lotus | ପଦ୍ମ | ତାଳାଇ |
| Keruan | କୁରେଇ | |
| Oleander | କନିଅର | |
| Holy basil | ତୁଳସୀ | ତୁଇସିବାଆ |
| Sun flower | ସୂର୍ଯ୍ୟମୁଖୀ | ସୂର୍ଯ୍ୟମୁଖୀ |
| Starmoney flower | ଦୁଦୁରା | ଦାନ୍ତୁରା |
| Tube rose | ରଜନୀଗନ୍ଧା | |
| Jasmine | ଯୁଇ | |
| Lilly | କଇଁ | ସାଲ୍‌କିଦ୍ |
| Screw pine | କେତକୀ | |
| China bux | କାମିନୀ | |
| Palash flower | ପଳାଶ | ମୁରୁଦ୍ ବାଆ |

# NAME OF THE TREES ଗଛର ନାମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Tree | ଗଛ / ବୃକ୍ଷ | ଦାରୁ |
| Mango | ଆମ୍ବ | ଉଲି |
| Cashew | ଲଙ୍କାଆମ୍ବ | ମୁର୍‌ଚି |
| Jack fruit | ପଣସ | କାନ୍‌ଟାଲ୍ |
| Papaya | ଅମୃତଭଣ୍ଡା | ପପୟା |
| Banana | କଦଳୀ | କାଦାଲା |
| Fig | ଡିମିରି | ଲଆ |
| Mahua | ମହୁଲ | ମାହୁକାମ୍ |
| Kendu | କେନ୍ଦୁ | ତିରୁଲ୍ |
| Palm Tree | ତାଳଗଛ | ତାଳା |
| Black berry | ଜାମୁକୋଳି | କୁଦା |
| Kusum | କୁସୁମ | କୁଇଣ୍ଡି |
| Bel tree | ବେଲଗଛ | ବେଲ୍‌ଦାରୁ |
| Teak tree | ଶାଗୁଆନ୍ ଗଛ | ସାଗୁଆନ୍ |
| Sal tree | ଶାଳ ଗଛ | ଶାର୍‌ଜମ୍ |
| Flax plant | ଛଣପଟ ଗଛ | ଛଣି |
| Bamboo | ବାଉଁଶ | ମାଦ୍ |
| Tamarind | ତେନ୍ତୁଳୀ | ଜଜ |
| Peepul tree | ଅଶ୍ୱତ୍‌ଥ ବୃକ୍ଷ | ହେସାଃ |
| Neem | ନିମ୍ବ | ନିମ୍ |
| Drum stick | ସଜନା | ମୁନୁଗା |
| Lemon | ଲେମ୍ବୁ | ଲେମ୍ବୁ |
| Berry | ବରକୋଳି | ବାକାର୍ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Banyan tree | ବରଗଛ | ବାଲେ |
| Flaver tree | କଦମ୍ବ | କାଦାମ୍ |
| Pongamia glalua | କରଞ୍ଜ | କରଞ୍ଜ |
| Terminelia chefula | ହରିଡ଼ା | ରଳା |
| Bahada | ବାହାଡ଼ା | ଲୁପୁଂ |
| Amla | ଅଁଳା | ମେରାଲ୍ |
| Silk cotton | ସିମୁଳି | ଏଦେଲ୍ |

# DESCRIPTION OF HOUSE

# ଘରର ବିବରଣୀ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| House | ଘର | ଅଳାଃ |
| Cattle shed | ଗୁହାଳ | ଗଣା |
| Roof | ଛାତ | ପଟ୍‌ତନ୍ |
| Floor | ଚଟାଣ | ଅତେ |
| Wall | କାନ୍ଥ | କାଁଥ |
| Beam | କଡ଼ି | ଉରା |
| Door | କବାଟ | ବୁସିଲ୍‌ପିଂ |
| Window | ଝରକା | ଝରକା |
| Doorsil | ଏରୁଣ୍ଡି | ଦୁଆରବନ୍ଧ |
| Gate | ଫାଟକ | ଟାଟି ସିଲିପିଂ |
| Dining room | ଖାଇବାଘର | ଜମ୍‌ଅଳାଃ |
| Pillar | ଖୁଣ୍ଟି | ଖୁଣ୍ଟା |
| Verandah | ବାରଣ୍ଡା | ପିଣ୍ଡିଗି |
| Court-yard | ଅଗଣା | ମେଲା |

# IMPLEMENTS ସରଞ୍ଜାମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Plough | ଲଙ୍ଗଳ | ନାଇଲି |
| Handle of plough | ଲଙ୍ଗଳମୁନ | ନାଇଲି ଚୁଟି |
| Goad | ଆଙ୍କଗ | ଏସାଣ୍ଡି |
| Yoke | ଯୁଆଳୀ | ଆରାନ୍ |
| Spade | କୋଦାଳ / କୋଡ଼ି | କୁଦ୍‌ଲାମ୍ |
| Axe | ଟାଙ୍ଗିଆ / କୁରାଢ଼ି | ହାକେ |
| Sickle | ଦାଆ | ଦାତରମ୍ |
| Carrying rope | ଶିକା | ସିକୁଆର୍ |
| Carrying pole | ବାହୁଙ୍ଗୀ | ବାଇଙ୍ଗି |
| Mace / club | ଠେଙ୍ଗା | ଡ଼ାଣ୍ଡାଃ |
| Row | କାତ | କାତାଡ଼ାଂ |
| Spindle | ତାକୁଡ଼ି | |
| Boat | ଡଙ୍ଗା | ଡ଼ଙ୍ଗା |
| Bow | ଧନୁ | ଆଃଆ |
| Arrow | ତୀର | ସାର୍ |
| Winnowing fan | କୁଲା | ହାଟାଃ |
| Fishing hook | ବନ୍‌ଶୀକଣ୍ଟା | ବାଣ୍‌ସି |
| Spear | ବରଛା | ବରଲାମ୍ |
| Vegetable chopper | ପନିକି | କାତୁ |
| Bill hook | କଟୁରୀ | କୁଟୁରି |
| Hoe | କୋଡ଼ି | କୁଦ୍‌ଲାମ୍ |
| Crowbar | ଶାବଳ | ଶାବଳ |
| Hatchet | ଟାଙ୍ଗିଆ | କାପି |
| Plane | ମଇ | ଆଲଗମ୍ |
| Grinder | ଶିଳ | ରିଦ୍‌ଧିରି |
| Stick | ବାଡ଼ି | ଡ଼ାଣ୍ଡାଃ |
| Knife | ଛୁରୀ | ଛୁରୀ |

## DAYS ବାର

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Sunday | ରବିବାର | ରଇବାର୍ |
| Monday | ସୋମବାର | ସୋମ୍‌ବାର୍ |
| Tuesday | ମଙ୍ଗଳବାର | ମଙ୍ଗଲ୍‌ବାର୍ |
| Wednesday | ବୁଧବାର | ବୁଦ୍‌ବାର୍ |
| Thursday | ଗୁରୁବାର | ଗୁରୁବାର୍ |
| Friday | ଶୁକ୍ରବାର | ଶୁକୁରୁ ବାର୍ |
| Saturday | ଶନିବାର | ଶନିବାର୍ |

## MONTHS ମାସ

| | | | |
|---|---|---|---|
| January | ପୌଷ-ମାଘ | ବୈଶାଖ | ବୈଶାକ୍ |
| February | ମାଘ-ଫାଲ୍‌ଗୁନ | ଜ୍ୟେଷ୍ଠ | ଜ୍ୟେଷ୍ଠ |
| March | ଫାଲ୍‌ଗୁନ-ଚୈତ୍ର | ଆଷାଢ଼ | ଆଶାଢ଼୍ |
| April | ଚୈତ୍ର-ବୈଶାଖ | ଶ୍ରାବଣ | ଶେରାବଣ୍ |
| May | ବୈଶାଖ-ଜ୍ୟେଷ୍ଠ | ଭାଦ୍ରବ | ଭାଦର୍ |
| June | ଜ୍ୟେଷ୍ଠ-ଆଷାଢ଼ | ଆଶ୍ୱିନ | ଆସିନ୍ |
| July | ଆଷାଢ଼-ଶ୍ରାବଣ | କାର୍ତ୍ତିକ | କାରତିକ୍ |
| August | ଶ୍ରାବଣ-ଭାଦ୍ରବ | ମାର୍ଗଶୀର | ମଗୁଶୁର୍ |
| September | ଭାଦ୍ରବ-ଆଶ୍ୱିନ | ପୌଷ | ପୁଷୁ |
| October | ଆଶ୍ୱିନ-କାର୍ତ୍ତିକ | ମାଘ | ମାଗ୍ |
| November | କାର୍ତ୍ତିକ-ମାର୍ଗଶୀର | ଫାଲ୍‌ଗୁନ | ପାଗୁନ୍ |
| December | ମାର୍ଗଶୀର-ପୌଷ | ଚୈତ୍ର | ଚୈତ୍ |

## SEASONS ଋତୁ

| | | |
|---|---|---|
| Summer | ଗ୍ରୀଷ୍ମ | ଜେଟେ |
| Rainy | ବର୍ଷା | ଜାପୁଦ୍ |
| Autumn | ଶରତ | ଶରତ |
| Dew | ହେମନ୍ତ | ହେମନ୍ତ |
| Winter | ଶୀତ | ରାବାଂ |
| Spring | ବସନ୍ତ | ବସନ୍ତ |

# COMMON VERBS ସାଧାରଣ କ୍ରିୟା

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Go | ଯିବା | ସେନଃ |
| Come | ଆସିବା | ହିଜୁଃ |
| Sit | ବସିବା | ଦୁବ୍ |
| Eat | ଖାଇବା | ଜମ୍ |
| Drink | ପିଇବା | ନୁ |
| See | ଦେଖିବା | ଲେଲ୍ |
| Hear / Listen | ଶୁଣିବା | ଆୟମ୍ |
| Walk | ଚାଲିବା | ସେନ୍ |
| Cook | ରାନ୍ଧିବା | ତିକି |
| Learn | ଶିଖିବା | ଇତୁ |
| Sing | ଗାଇବା | ଦୁରାଂ |
| Dance | ନୃତ୍ୟ କରିବା | ସୁସୁଂ |
| Bathe | ଗାଧୋଇବା | ରେୟାଲେନ୍ |
| Play | ଖେଳିବା | ଇନୁଂ |
| Jump | ଡେଇଁବା | ଖୁଡ଼ିଲ୍ |
| Brush | ଦାନ୍ତ ଘଷିବା | କାରକାଦ୍ |
| Run | ଦୌଡ଼ିବା | ଧାଉଲୁ |
| Irrigate | ପାଣି ମଡ଼ାଇବା | ଦାଃ ପାଞ୍ଚାଓ |
| Find | ପାଇବା | ନାମ୍ |
| Winnow | ପାଛୁଡ଼ିବା | ଗୁମ୍ |
| Laugh | ହସିବା | ଲାନ୍ଦା |
| Cry | କାନ୍ଦିବା | ଇୟାମ୍ |
| Say | କହିବା | ଜାଗାର୍ |
| Write | ଲେଖିବା | ଅଲ୍ |
| Cultivate | ଚାଷ କରିବା | ଚାଷୟବୁନ୍ |
| Sleep | ଶୋଇବା | ଗିତିଃ |

## DAYS ବାର

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Sunday | ରବିବାର | ରଇବାର୍ |
| Monday | ସୋମବାର | ସୋମ୍‌ବାର୍ |
| Tuesday | ମଙ୍ଗଳବାର | ମଙ୍ଗଲ୍‌ବାର୍ |
| Wednesday | ବୁଧବାର | ବୁଦ୍‌ବାର୍ |
| Thursday | ଗୁରୁବାର | ଗୁରୁବାର୍ |
| Friday | ଶୁକ୍ରବାର | ଶୁକୁରୁ ବାର୍ |
| Saturday | ଶନିବାର | ଶନିବାର୍ |

## MONTHS ମାସ

| | | | |
|---|---|---|---|
| January | ପୌଷ-ମାଘ | ବୈଶାଖ | ବୈଶାକ୍ |
| February | ମାଘ-ଫାଲ୍‌ଗୁନ | ଜ୍ୟେଷ୍ଠ | ଜ୍ୟେଷ୍ଠ |
| March | ଫାଲ୍‌ଗୁନ-ଚୈତ୍ର | ଆଷାଢ଼ | ଆଶାଲ୍ |
| April | ଚୈତ୍ର-ବୈଶାଖ | ଶ୍ରାବଣ | ଶେରାବଣ୍ |
| May | ବୈଶାଖ-ଜ୍ୟେଷ୍ଠ | ଭାଦ୍ରବ | ଭାଦର୍ |
| June | ଜ୍ୟେଷ୍ଠ-ଆଷାଢ଼ | ଆଶ୍ୱିନ | ଆସିନ୍ |
| July | ଆଷାଢ଼-ଶ୍ରାବଣ | କାର୍ତ୍ତିକ | କାରତିକ୍ |
| August | ଶ୍ରାବଣ-ଭାଦ୍ରବ | ମାର୍ଗଶୀର | ମଗୁଶୁର୍ |
| September | ଭାଦ୍ରବ-ଆଶ୍ୱିନ | ପୌଷ | ପୁଷୁ |
| October | ଆଶ୍ୱିନ-କାର୍ତ୍ତିକ | ମାଘ | ମାଗ୍ |
| November | କାର୍ତ୍ତିକ-ମାର୍ଗଶୀର | ଫାଲ୍‌ଗୁନ | ପାଗୁନ୍ |
| December | ମାର୍ଗଶୀର-ପୌଷ | ଚୈତ୍ର | ଚୈତ୍ |

## SEASONS ଋତୁ

| | | |
|---|---|---|
| Summer | ଗ୍ରୀଷ୍ମ | ଜେଠେ |
| Rainy | ବର୍ଷା | କାପୁଦ୍ |
| Autumn | ଶରତ | ଶରତ |
| Dew | ହେମନ୍ତ | ହେମନ୍ତ |
| Winter | ଶୀତ | ରାବାଂ |
| Spring | ବସନ୍ତ | ବସନ୍ତ |

# COMMON VERBS ସାଧାରଣ କ୍ରିୟା

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Go | ଯିବା | ସେନଃ |
| Come | ଆସିବା | ହିଜୁଃ |
| Sit | ବସିବା | ദୁବ୍ |
| Eat | ଖାଇବା | ଜମ୍ |
| Drink | ପିଇବା | ନୁ |
| See | ଦେଖିବା | ଲେଲ୍ |
| Hear / Listen | ଶୁଣିବା | ଆୟମ୍ |
| Walk | ଚାଲିବା | ସେନ୍ |
| Cook | ରାନ୍ଧିବା | ତିକି |
| Learn | ଶିଖିବା | ଇତୁ |
| Sing | ଗାଇବା | ଦୁରାଂ |
| Dance | ନୃତ୍ୟ କରିବା | ସୁସୁଂ |
| Bathe | ଗାଧୋଇବା | ରେୟାଲେନ୍ |
| Play | ଖେଳିବା | ଇନୁଂ |
| Jump | ଡେଇଁବା | ଖୁଡ଼ିଲ୍ |
| Brush | ଦାନ୍ତ ଘଷିବା | କାରକାଦ୍ |
| Run | ଦୌଡ଼ିବା | ଧାଉକୁ |
| Irrigate | ପାଣି ମଡ଼ାଇବା | ଦାଃ ପାଜାଓ |
| Find | ପାଇବା | ନାମ୍ |
| Winnow | ପାଛୁଡ଼ିବା | ଗୁମ୍ |
| Laugh | ହସିବା | ଲାନ୍ଦା |
| Cry | କାନ୍ଦିବା | ଇୟାମ୍ |
| Say | କହିବା | ଜାଗାର୍ |
| Write | ଲେଖିବା | ଅଲ୍ |
| Cultivate | ଚାଷ କରିବା | ଚାଷୟବୁନ୍ |
| Sleep | ଶୋଇବା | ଗିତିଃ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Rest | ବିଶ୍ରାମ କରିବା | ଜିରାଓ |
| Buy | କିଣିବା | କିରିଂ |
| Answer | ଉତ୍ତର ଦେବା | କାଜି ରୁଆଲ |
| Attack | ଆକ୍ରମଣ କରିବା | ଜାରୁବ୍ |
| Bring | ଆଣିବା | ଆଉୟାବୁନ୍ |
| Build | ତିଆରି କରିବା | ବାଇୟାବୁନ୍ |
| Call | ଡାକିବା | ଉର |
| Climb | ଚଢ଼ିବା | ଦେଏ |
| Cut | କାଟିବା | ହାଦ୍ |
| Dig | ଖୋଳିବା | ଉର |
| Save | ସଞ୍ଚୟ କରିବା | ଇଗାଓ |
| Fight | ଲଢ଼େଇ କରିବା | ଥାପାମ୍ |
| Fill | ପୂରଣ କରିବା | ପେରେଃ |
| Get | ପାଇବା | ନାମ୍ |
| Give | ଦେବା | ଅମ୍ |
| Hang | ଝୁଲାଇବା | ହାକା |
| Help | ସାହାଯ୍ୟ କରିବା | ଦେଙ୍ଗା |
| Know | ଜାଣିବା | ଠର୍ |
| Keep | ରଖିବା | ଦଅ |
| Kill | ମାରିବା | ଗଏ |
| Look | ଦେଖିବା | ଲେଲ୍ |
| Use | ବ୍ୟବହାର କରିବା | କାମିତେୟାଃ |
| Obey | ମାନିବା | ମାନାତିଂ |
| Put | ରଖିବା | ଦଅ |
| Read | ପଢ଼ିବା | ପଲ୍ହାଓ |
| Write | ଲେଖିବା | ଅଲ୍ |
| Seek | ଖୋଜିବା | ଦାଣାଂ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Sell | ବିକ୍ରି କରିବା | ଆଖାରିଂ |
| Stand | ଛିଡ଼ାହେବା | ତିଙ୍ଗୁ |
| Start | ଆରମ୍ଭ କରିବା | ଏଟେଃ |
| Ask | ପଚାରିବା | କୁଲି |
| Steal | ଚୋରି କରିବା | କୁମ୍ବୁଲୁ |
| Send | ପଠାଇବା | କୁଲୁ |
| Swim | ପହଁରିବା | ପାଏରା |
| Sweep | ଝାଡୁ କରିବା | ଜଃଅ |
| Slay | ହତ୍ୟା କରିବା | ଗଏ |
| Take | ନେବା | ଇଦି |
| Want | ଇଚ୍ଛା କରିବା | ମନେ |
| Wear | ପିନ୍ଧିବା | କିଚିରିଗେନ୍ |
| Win | ଜିତିବା | ଜିତାଓ |
| Watch | ଜଗିବା | ହର |
| Wash | ସଫା କରିବା | ଫାର୍‌ଚି |
| Work | କାମ କରିବା | କାମିୟାବୁନ୍ |
| Do | କରିବା | କାମି |
| Fall | ପଡ଼ିଯିବା | ବାଟି |
| Leave | ଛାଡ଼ିବା | ଆଲାଃ |
| Shut | ବନ୍ଦ କରିବା | ହାଣ୍ଡେଦ୍ |
| Sow | ବୁଣିବା | ହେର୍ |
| Throw | ଫୋପାଡ଼ିବା | ଥେର୍ |
| Teach | ପଢ଼ାଇବା | ଅଲ୍‌ଇଚି |
| Spend | ଖର୍ଚ୍ଚ କରିବା | ଖରଚ୍ |
| Think | ଚିନ୍ତା କରିବା | ଉଡୁଃ |
| Pray | ପ୍ରାର୍ଥନା କରିବା | ଧେୟାନ୍ |

# PRESENT TENSE ବର୍ତ୍ତମାନ କାଳ

| | First Person - Singular Number- ପ୍ରଥମ ପୁରୁଷ - ଏକ ବଚନ | First Person Plural Number ପ୍ରଥମ ପୁରୁଷ - ବହୁ ବଚନ |
|---|---|---|
| Present Indefinite ସାମାନ୍ୟ ବର୍ତ୍ତମାନ | I go<br>ମୁଁ ଯାଏ<br>ଆଞ୍ଜ ସେନଗାଞ୍ଜ<br>I eat<br>ମୁଁ ଖାଏ<br>ଆଞ୍ଜ ଜମେୟାଞ୍ଜ | We go<br>ଆମ୍ଭେମାନେ ଯାଉ<br>ଆଲେଲେ ସେନଗାଃ<br>We eat<br>ଆମ୍ଭେମାନେ ଖାଉ<br>ଆଲେଲେ ଜମେୟା |
| Present Imperfect ଅସଂପୂର୍ଣ୍ଣ ବର୍ତ୍ତମାନ | I am going<br>ମୁଁ ଯାଉଛି<br>ଆଞ୍ଜ ସେନଃତାନା<br>I am eating<br>ମୁଁ ଖାଉଛି<br>ଆଞ୍ଜ ଜମ୍‌ତାନ୍ | We are going<br>ଆମ୍ଭେମାନେ ଯାଉଛୁ<br>ଆଲେଲେ ସେନଃତାନା<br>We are eating<br>ଆମ୍ଭେମାନେ ଖାଉଛୁ<br>ଆଲେଲେ ଜମ୍‌ତାନା |
| Present Perfect ସଂପୂର୍ଣ୍ଣ ବର୍ତ୍ତମାନ | I have gone<br>ମୁଁ ଯାଇଛି<br>ଆଞ୍ଜସେନାକାନାଞ୍ଜ<br>I have eaten<br>ମୁଁ ଖାଇଛି<br>ଆଞ୍ଜ ଜମ ତାଦାଞ୍ଜ | We have gone<br>ଆମ୍ଭେମାନେ ଯାଇଛୁ<br>ଆଲେଲେସେନାକାନା<br>We have eaten<br>ଆମ୍ଭେମାନେ ଖାଇଛୁ<br>ଆଲେଲେ ଜମ୍‌ତାଦା |
| Present Perfect Continuous ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ବର୍ତ୍ତମାନ | I have been going<br>ମୁଁ ଯାଇ ଆସୁଅଛି<br>ଆଞ୍ଜସେନ୍ ହିଜୁଃ ତାନାଞ୍ଜ୍<br>I have been eating<br>ମୁଁ ଖାଇ ଆସୁଅଛି<br>ଆଞ୍ଜ ଜମ୍‌ହିଜୁଃ ତାନାଞ୍ଜ | We have been going<br>ଆମ୍ଭେମାନେ ଯାଇ ଆସୁଅଛୁ<br>ଆଲେ ସେନକାତେଲେ ହିଜୁଃତାନା<br>We have been eating<br>ଆମ୍ଭେମାନେ ଖାଇ ଆସୁଅଛୁ<br>ଆଲେ ଜମ୍ କାତେଲେ ହିଜୁଃତାନା |

| | Second Person -<br>Singular Number<br>ଦ୍ୱିତୀୟ ପୁରୁଷ - ଏକ ବଚନ | Second Person -<br>Plural Number<br>ଦ୍ୱିତୀୟ ପୁରୁଷ - ବହୁ ବଚନ |
|---|---|---|
| Present Indefinite<br>ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ | You go<br>ତୁ ଯାଉ<br>ଆମେମ୍ ସେନଗାଃ<br>You eat<br>ତୁ ଖାଉ<br>ଆମେମ୍ ଜମେୟା | You go<br>ତୁମ୍ଭେମାନେ ଯାଅ<br>ଆପେପେ ସେନଃଗା<br>You eat<br>ତୁମ୍ଭେମାନେ ଖାଅ<br>ଆପେପେ ଜମେୟା |
| Present Imperfect<br>ଅସଂପୂର୍ଣ୍ଣ ବର୍ତ୍ତମାନ | You are going<br>ତୁ ଯାଉଛୁ<br>ଆମେମ୍ ସେନଃତାନା<br>You are eating<br>ତୁ ଖାଉଛୁ<br>ଆମେମ୍ ଜମ୍ତାନା | You are going<br>ତୁମ୍ଭେମାନେ ଯାଉଛ<br>ଆପେପେ ସେନଃତାନା<br>You are eating<br>ତୁମ୍ଭେମାନେ ଖାଉଛ<br>ଆପେପେ ଜମ୍ତାନ |
| Present Perfect<br>ସଂପୂର୍ଣ୍ଣ ବର୍ତ୍ତମାନ | You have gone<br>ତୁ ଯାଇଛୁ<br>ଆମେମ୍ ସେନାକାନା<br>You have eaten<br>ତୁ ଖାଇଛୁ<br>ଆମେମ୍ ଜମ୍ତାନା | You have gone<br>ତୁମ୍ଭେମାନେ ଯାଇଛ<br>ଆପେପେ ସେନାକାନା<br>You have eaten<br>ତୁମ୍ଭେମାନେ ଖାଇଛ<br>ଆପେପେ ଜମ୍ତାଦା |
| Present Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ବର୍ତ୍ତମାନ | You have been going<br>ତୁ ଯାଇ ଆସୁଅଛୁ<br>ଆମ୍ସେନ୍ ହିଜୁଃତାନାମ୍<br>You have been eating<br>ତୁ ଖାଇ ଆସୁଅଛୁ<br>ଆମ୍ଜମ୍ ହିଜୁଃତାନାମ୍ | You have been going<br>ତୁମ୍ଭେମାନେ ଯାଇ ଆସୁଅଛ<br>ଆପେପେ ସେନ୍ ହିଜୁଃତାନା<br>You have been eating<br>ତୁମ୍ଭେମାନେ ଖାଇ ଆସୁଅଛ<br>ଆପେପେ ଜମ୍ ହିଜୁଃତାନା |

| | Third Person - Singular Number<br>ତୃତୀୟ ପୁରୁଷ - ଏକ ବଚନ | Third Person - Plural Number<br>ତୃତୀୟ ପୁରୁଷ - ବହୁ ବଚନ |
|---|---|---|
| Present Indefinite<br>ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ | He / She goes<br>ସେ ଯାଏ<br>ଆଏ ସେନଃଗାଃ<br>He / She eats<br>ସେ ଖାଏ<br>ଆଏ ଜମେୟାଃ | They go<br>ସେମାନେ ଯାଆନ୍ତି<br>ଆକକ ସେନଗାଃ<br>They eat<br>ସେମାନେ ଖାଆନ୍ତି<br>ଆକକ ଜମେୟା |
| Present Imperfect<br>ଅସଂପୂର୍ଣ୍ଣ ବର୍ତ୍ତମାନ | He / She is going<br>ସେ ଯାଉଛି<br>ଆଏ ସେନଃତାନା<br>He / She is eating<br>ସେ ଖାଉଛି<br>ଆଏ ଜମ୍‌ତାନା | They are going<br>ସେମାନେ ଯାଉଛନ୍ତି<br>ଆକକ ସେନଃତାନା<br>They are eating<br>ସେମାନେ ଖାଉଛନ୍ତି<br>ଆକକ ଜମ୍‌ତାନା |
| Present Perfect<br>ସଂପୂର୍ଣ୍ଣ ବର୍ତ୍ତମାନ | He / She has gone<br>ସେ ଯାଇଛି<br>ଆଏ ସେନାକାନାଃ<br>He / She has eaten<br>ସେ ଖାଇଛି<br>ଆଏ ଜମ୍‌ତାଦାଃ | They have gone<br>ସେମାନେ ଯାଇଛନ୍ତି<br>ଆକେକ ସେନାକାନା<br>They have eaten<br>ସେମାନେ ଖାଇଛନ୍ତି<br>ଆକକ ଜମ୍‌ତାଦା |
| Present Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣବର୍ତ୍ତମାନ | He / She has been going<br>ସେ ଯାଇ ଆସୁଅଛି<br>ଆଏ ସେନ୍ ହିଜୁଃତାନା<br>He / She has been eating<br>ସେ ଖାଇ ଆସୁଅଛି<br>ଆଏ ଜମ୍ ହିଜୁଃତାନା | They have been going<br>ସେମାନେ ଯାଇ ଆସୁଛନ୍ତି<br>ଆକଲ ସେନ୍ ହିଜୁଃ ତାନା<br>They have been eating<br>ସେମାନେ ଖାଇ ଆସୁଛନ୍ତି<br>ଆକକ ଜମ୍ ହିଜୁଃତାନା |

# PAST TENSE ଅତୀତ କାଳ

| | First Person - Singular Number<br>ପ୍ରଥମ ପୁରୁଷ - ଏକ ବଚନ | First Person - Plural Number<br>ପ୍ରଥମ ପୁରୁଷ - ବହୁ ବଚନ |
|---|---|---|
| Past Indefinite<br>ନିତ୍ୟ ପ୍ରବୃତ୍ତ ଅତୀତ | I went<br>ମୁଁ ଗଲି<br>ଆଞ୍ଜ ସେନ୍‌କେ ନାଞ୍ଜ<br>I ate<br>ମୁଁ ଖାଇଲି<br>ଆଞ୍ଜ ଜମ୍ କେଦାଞ୍ଜ | We went<br>ଆମ୍ଭେମାନେ ଗଲୁ<br>ଆଲେଲେ ସେନ୍ କେନାଲେ<br>We ate<br>ଆମ୍ଭେମାନେ ଖାଇଲୁ<br>ଆଲେଲେ ଜମ୍ କେଦାଲେ |
| Past Imperfect<br>ଅସଂପୂର୍ଣ୍ଣ ଅତୀତ | I was going<br>ମୁଁ ଯାଉଥିଲି<br>ଆଞ୍ଜ ସେନଃତାନ୍ ତାଇକେନାଞ୍ଜ<br>I was eating<br>ମୁଁ ଖାଉଥିଲି<br>ଆଞ୍ଜ ଜମ୍‌ତାନ୍ ତାଇକୋନାଞ୍ଜ | We were going<br>ଆମ୍ଭେମାନେ ଯାଉଥିଲୁ<br>ଆଲେଲେ ସେନଃତାନ୍ ତାଇକେନା<br>We were eating<br>ଆମ୍ଭେମାନେ ଖାଉଥିଲୁ<br>ଆଲେଲେ ଜମ୍ ତାନ୍ ତାଇକେନା |
| Past Perfect<br>ସଂପୂର୍ଣ୍ଣ ଅତୀତ | I had gone<br>ମୁଁ ଯାଇଥିଲି<br>ଆଞ୍ଜ ସେନ୍‌କେନାଞ୍ଜ<br>I had eaten<br>ମୁଁ ଖାଇଥିଲି<br>ଆଞ୍ଜ ଜମ୍‌ଲେଦାଞ୍ଜ | We had gone<br>ଆମ୍ଭେମାନେ ଯାଇଥିଲୁ<br>ଆଲେଲେ ସେନ୍‌କେନା<br>We had eaten<br>ଆମ୍ଭେମାନେ ଖାଇଥିଲୁ<br>ଆଲେଲେ ଜମ୍‌ଲେଦା |
| Past Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଅତୀତ | I had been going<br>ମୁଁ ଯାଇ ଆସୁଥିଲି<br>ଆଞ୍ଜ ସେନ୍‌କାତେ ହିଜୁଃତାନ୍ ତାଇକେନାଞ୍ଜ<br>I had been eating<br>ମୁଁ ଖାଇ ଆସୁଥିଲି<br>ଆଞ୍ଜ ଜମ୍‌କାତେ ହିଜୁଃତାନ୍ ତାଇକେନାଞ୍ଜ | We had been going<br>ଆମ୍ଭେମାନେ ଯାଇ ଆସୁଥିଲୁ<br>ଆଲେ ସେନକାତେଲେ ହିଜଃତାନ୍ ତାଇକେନା<br>We had been eating<br>ଆମ୍ଭେମାନେ ଖାଇ ଆସୁଥିଲୁ<br>ଆଲେ ଜମ୍ କାତେଲେ ହିଜଃତାନ୍ ତାଇକେନା |

| | Second Person - Singular Number<br>ଦ୍ବିତୀୟ ପୁରୁଷ - ଏକ ବଚନ | Second Person - Plural Number<br>ଦ୍ବିତୀୟ ପୁରୁଷ - ବହୁ ବଚନ |
|---|---|---|
| Past Indefinite<br>ନିତ୍ୟ ପ୍ରବୃତ୍ତ ଅତୀତ | You went<br>ତୁ ଗଲୁ<br>ଆମ୍ ସେନଃଯାନା<br>You ate<br>ତୁ ଖାଇଲୁ<br>ଆମ୍ ଜମ୍କେଦା | You went<br>ତୁମ୍ଭେମାନେ ଗଲ<br>ଆପେପେ ସେନଃଯାନା<br>You ate<br>ତୁମ୍ଭେମାନେ ଖାଇଲ<br>ଆପେପେ ଜମ୍କେଦା |
| Past Imperfect<br>ଅସଂପୂର୍ଣ୍ଣ ଅତୀତ | You were going<br>ତୁ ଯାଉଥିଲୁ<br>ଆମ୍ ସେନଃତାନ୍ ତାଇକେନା<br>You were eating<br>ତୁ ଖାଉଥିଲୁ<br>ଆମ୍ ଜମ୍ତାନ୍ ତାଇକେନା | You were going<br>ତୁମ୍ଭେମାନେ ଯାଉଥିଲ<br>ଆପେପେ ସେନଃତାନ୍ ତାଇକେନା<br>You were eating<br>ତୁମ୍ଭେମାନେ ଖାଉଥିଲ<br>ଆପେପେ ସେନଃତାନ୍ ତାଇକେନା |
| Past Perfect<br>ସଂପୂର୍ଣ୍ଣ ଅତୀତ | You had gone<br>ତୁ ଯାଇଥିଲୁ<br>ଆମ୍ ସେନ୍କେନାମ୍<br>You had eaten<br>ତୁ ଖାଇଥିଲୁ<br>ଆମଲେଦାମ୍ | You had gone<br>ତୁମ୍ଭେମାନେ ଯାଇଥିଲ<br>ଆପେପେ ସେନ୍କେନା<br>You had eaten<br>ତୁମ୍ଭେମାନେ ଖାଇଥିଲ<br>ଆପେପେ ଜମ୍ଲେଦା |
| Past Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଅତୀତ | You had been going<br>ତୁ ଯାଇ ଆସୁଥିଲୁ<br>ଆମ୍ ସେନ୍କାତେ<br>ହିଲୁଃତାନ୍ ତାଇକେନା<br>You had been eating<br>ତୁ ଖାଇ ଆସୁଥିଲୁ<br>ଆମ୍ ଜମ୍କାତେ<br>ହିଲୁଃତାନ୍ ତାଇକେନା | You had been going<br>ତୁମ୍ଭେମାନେ ଯାଇ ଆସୁଥିଲ<br>ଆପେ ସେନ୍କାତେପେ<br>ହିଲୁଃତାନ୍ ତାଇକେନା<br>You had been eating<br>ତୁମ୍ଭେମାନେ ଖାଇ ଆସୁଥିଲ<br>ଆପେ ଜମ୍କାତେପେ<br>ହିଲୁଃତାନ୍ ତାଇକେନା |

| | Third Person - Singular Number<br>ତୃତୀୟ ପୁରୁଷ - ଏକ ବଚନ | Third Person - Plural Number<br>ତୃତୀୟ ପୁରୁଷ - ବହୁ ବଚନ |
|---|---|---|
| Past Indefinite<br>ନିତ୍ୟ ପ୍ରବୃତ୍ତ ଅତୀତ | He / She went<br>ସେ ଗଲା<br>ଆଏ ସେନଃଯାନା<br>He / She ate<br>ସେ ଖାଇଲା<br>ଆଏ ଜମ୍‌କେଦା | They went<br>ସେମାନେ ଗଲେ<br>ଆକକ ସେନଃଯାନା<br>They ate<br>ସେମାନେ ଖାଇଲେ<br>ଆକକ ଜମ୍‌କେଦା |
| Past Imperfect<br>ଅସଂପୂର୍ଣ୍ଣ ଅତୀତ | He / She was going<br>ସେ ଯାଉଥିଲା<br>ଆଏ ସେନଃତାନ୍ ତାଇକେନା<br>He / She was eating<br>ସେ ଖାଉଥିଲା<br>ଆଏ ଜମ୍‌ତାନ୍ ତାଇକେନା | They were going<br>ସେମାନେ ଯାଉଥିଲେ<br>ଆକକସେନଃତାନ୍ ତାଇକେନା<br>They were eating<br>ସେମାନେ ଖାଉଥିଲେ<br>ଆକକ ଜମ୍‌ତାନ୍ ତାଇକେନା |
| Past Perfect<br>ସଂପୂର୍ଣ୍ଣ ଅତୀତ | He / She had gone<br>ସେ ଯାଇଥିଲା<br>ଆଏ ସେନ୍‌କେନାଃ<br>He / She had eaten<br>ସେ ଖାଇଥିଲା<br>ଆଏ ଜମ୍‌ଲେଦାଃ | They had gone<br>ସେମାନେ ଯାଇଥିଲେ<br>ଆକକ ସେନ୍‌କେନା<br>They had eaten<br>ସେମାନେ ଖାଇଥିଲେ<br>ଆକବ ଜମ୍‌ଲେଦା |
| Past Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଅତୀତ | He / She had been going<br>ସେ ଯାଇ ଆସୁଥିଲା<br>ଆଏ ସେନ୍‌କାତେ<br>ହିଜୁଃତାନ୍ ତାଇକେନା<br>He / She had been eating<br>ସେ ଖାଇ ଆସୁଥିଲା<br>ଆଏ ଜମ୍‌କାତେ<br>ହିଜୁଃତାନ୍ ତାଇକେନା | They had been going<br>ସେମାନେ ଯାଇ ଆସୁଥିଲେ<br>ଆକ ସେନ୍‌କାତେ<br>ହିଜୁଃତାନ୍ ତାଇକେନା<br>They had been eating<br>ସେମାନେ ଖାଇ ଆସୁଥିଲେ<br>ଆକ ଜମ୍‌କାତେକ<br>ହିଜୁଃତାନ୍ ତାଇକେନା |

# FUTURE TENSE ଭବିଷ୍ୟତ କାଳ

| | First Person - Singular Number<br>ପ୍ରଥମ ପୁରୁଷ - ଏକ ବଚନ | First Person - Plural Number<br>ପ୍ରଥମ ପୁରୁଷ - ବହୁ ବଚନ |
|---|---|---|
| Future Indefinite<br>ଅନିର୍ଦ୍ଦିଷ୍ଟ ଭବିଷ୍ୟତ | I shall go<br>ମୁଁ ଯିବି<br>ଆଞ୍ଜ ସେନଗାଞ୍ଜ<br>I shall eat<br>ମୁଁ ଖାଇବି<br>ଆଞ୍ଜ ଜମେୟାଞ୍ଜ | We shall go<br>ଆମ୍ଭେମାନେ ଯିବୁ<br>ଆଲେଲେ ସେନଗାଃ<br>We shall eat<br>ଆମ୍ଭେମାନେ ଖାଇବୁ<br>ଆଲେଲେ ଜମେୟା |
| Future Imperfect<br>ଅସଂପୂର୍ଣ୍ଣ ଭବିଷ୍ୟତ | I shall be going<br>ମୁଁ ଯାଉଥିବି<br>ଆଞ୍ଜ ସେନ୍‌ତାଞ୍ଜ<br>I shall be eating<br>ମୁଁ ଖାଉଥିବି<br>ଆଞ୍ଜ ଜମାକାନ ଆଞ୍ଜ | We shall be going<br>ଆମ୍ଭେମାନେ ଯାଉଥିବୁ<br>ଆଲେଲେ ସେନ୍‌ତାଃ<br>We shall be eating<br>ଆମ୍ଭେମାନେ ଖାଉଥିବୁ<br>ଆଲେଲେ ଜମାକାନଆ |
| Future Perfect<br>ସଂପୂର୍ଣ୍ଣ ଭବିଷ୍ୟତ | I shall have gone<br>ମୁଁ ଯାଇଥିବି<br>ଆଞ୍ଜ ସେନାକାନ ଆଞ୍ଜ<br>I shall have eaten<br>ମୁଁ ଖାଇଥିବି<br>ଆଞ୍ଜ ଜମ୍‌ତାଞ୍ଜ | We shall have gone<br>ଆମ୍ଭେମାନେ ଯାଇଥିବୁ<br>ଆଲେଲେ ସେନାକାନଆ<br>We shall have eaten<br>ଆମ୍ଭେମାନେ ଖାଇଥିବୁ<br>ଆଲେଲେ ଜମ୍‌ତାଃ |
| Future Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଭବିଷ୍ୟତ | I shall have been going<br>ମୁଁ ଯାଇ ଆସୁଥିବି<br>ଆଞ୍ଜ ସେନକାତେ<br>ହିଜାକାନ ଆଞ୍ଜ<br>I shall have been eating<br>ମୁଁ ଖାଇ ଆସୁଥିବି<br>ଆଞ୍ଜ ଜମ୍‌କାତେ<br>ହିଜାକାନ ଆଞ୍ଜ | We shall have been going<br>ଆମ୍ଭେମାନେ ଯାଇ ଆସୁଥିବୁ<br>ଆଲେ ସେନ୍‌କାତେଲେ<br>ହିଜାକାନଆ<br>We shall have been eating<br>ଆମ୍ଭେମାନେ ଖାଇ ଆସୁଥିବୁ<br>ଆଲେ ଜମ୍‌କାତେଲେ<br>ହିଜାକନଆ |

| | Second Person - Singular Number<br>ଦ୍ୱିତୀୟପୁରୁଷ - ଏକ ବଚନ | Second Person - Plural Number<br>ଦ୍ୱିତୀୟପୁରୁଷ - ବହୁ ବଚନ |
|---|---|---|
| Future Indefinite<br>ନିତ୍ୟ ପ୍ରବୃତ୍ତ ଭବିଷ୍ୟତ | You will go<br>ତୁ ଯିବୁ<br>ଆମ୍ ସେନଗାମ୍<br>You will eat<br>ତୁ ଖାଇବୁ<br>ଆମ୍ ଜମେୟାମ୍ | You will go<br>ତୁମ୍ଭେମାନେ ଯିବ<br>ଆପେପେ ସେନଗାଃ<br>You will eat<br>ତୁମ୍ଭେମାନେ ଖାଇବ<br>ଆପେପେ ଜମେୟାଃ |
| Future Imperfect<br>ଅସଂପୂର୍ଣ୍ଣ ଭବିଷ୍ୟତ | You will be going<br>ତୁ ଯାଉଥିବୁ<br>ଆମ୍ ମେନ୍ତାମ୍<br>You will be eating<br>ତୁ ଖାଉଥିବୁ<br>ଆମ୍ ଜମାକାନଆମ୍ | You will be going<br>ତୁମ୍ଭେମାନେ ଯାଉଥିବ<br>ଆପେପେ ସେନ୍ତାଃ<br>You will be eating<br>ତୁମ୍ଭେମାନେ ଖାଉଥିବ<br>ଆପେପେ ଜମା କାନଆ |
| Future Perfect<br>ସଂପୂର୍ଣ୍ଣ ଭବିଷ୍ୟତ | You will have gone<br>ତୁ ଯାଇଥିବୁ<br>ଆମ୍‌ସେନ୍ କାନଆମ୍<br>You will have eaten<br>ତୁ ଖାଇଥିବୁ<br>ଆମେମ୍ ଜମା କାନଆମ୍ | You will have gone<br>ତୁମ୍ଭେମାନେ ଯାଇଥିବ<br>ଆପେପେ ସେନାକାନଆ<br>You will have eaten<br>ତୁମ୍ଭେମାନେ ଖାଇଥିବ<br>ଆପେପେ ଜମାକାନଆ |
| Future Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଭବିଷ୍ୟତ | You will have been going<br>ତୁ ଯାଇ ଆସୁଥିବୁ<br>ଆମ୍‌ସେନ୍‌କାତେମ୍ ହିଜାକାନଆ<br>You will have been eating<br>ତୁ ଖାଇ ଆସୁଥିବୁ<br>ଆମଜମ୍‌କାତେମ୍ ହିଜାକାନଆ | You will have been going<br>ତୁମ୍ଭେମାନେ ଯାଇ ଆସୁଥିବ<br>ଆପେ ସେନ୍‌କାତେପେ ହିଜାକାନଆ<br>You will have been eating<br>ତୁମ୍ଭେମାନେ ଖାଇ ଆସୁଥିବ<br>ଆପେ ଜମ୍‌କାତେପେ ହିଜାକାନଆ |

| | Third Person - Singular Number<br>ତୃତୀୟପୁରୁଷ - ଏକ ବଚନ | Third Person - Plural Number<br>ତୃତୀୟପୁରୁଷ - ବହୁ ବଚନ |
|---|---|---|
| Future Indefinite<br>ନିତ୍ୟ ପ୍ରବୃତ୍ତ ଭବିଷ୍ୟତ | He / She will go<br>ସେ ଯିବ<br>ଆଏ ସେନଗାඃ<br>He / She will eat<br>ସେ ଖାଇବ<br>ଆଏ ଜମେୟାඃ | They will go<br>ସେମାନେ ଯିବେ<br>ଆକକ ସେନଗାඃ<br>They will eat<br>ସେମାନେ ଖାଇବେ<br>ଆକକ ଜମେୟାඃ |
| Future Imperfect<br>ଅସଂପୂର୍ଣ୍ଣ ଭବିଷ୍ୟତ | He / She will be going<br>ସେ ଯାଉଥିବ<br>ଆଏ ସେନ୍ତାඃ<br>He / She will be eating<br>ସେ ଖାଉଥିବ<br>ଆଏ ଜମାକାନଆ | They will be going<br>ସେମାନେ ଯାଉଥିବେ<br>ଆକକ ସେନ୍ତାඃ<br>They will be eating<br>ସେମାନେ ଖାଉଥିବେ<br>ଆକକ ଜମା କାନଆ |
| Future Perfect<br>ସଂପୂର୍ଣ୍ଣ ଭବିଷ୍ୟତ | He / She will have gone<br>ସେ ଯାଇଥିବ<br>ଆଏ ସେନାକାନଆඃ<br>He / She will have eaten<br>ସେ ଖାଇଥିବ<br>ଆଏ ଜମ୍ତାඃ | They will have gone<br>ସେମାନେ ଯାଇଥିବେ<br>ଆକକ ସେନାକନଆ<br>They will have eaten<br>ସେମାନେ ଖାଇଥିବେ<br>ଆକକ ଜମାତାඃ |
| Future Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଭବିଷ୍ୟତ | He / She will have been going<br>ସେ ଯାଇ ଆସୁଥିବ<br>ଆଏ ସେନ୍କାତେ ହିଜାକାନଆ<br>He / She will have been eating<br>ସେ ଖାଇ ଆସୁଥିବ<br>ଆଏ ଜମ୍କାତେ ହିଜାକାନଆ | They will have been going<br>ସେମାନେ ଯାଇ ଆସୁଥିବେ<br>ଆକ ସେନ୍କାତେକ ହିଜାକନଆ<br>They will have been been eating<br>ସେମାନେ ଖାଇ ଆସୁଥିବେ<br>ଆକ ଜମ୍କାତେକ ହିଜାକାନଆ |

# ସାଧାରଣ ବାକ୍ୟାବଳୀ

1. What is your name ?

   ତୁମ ନାମ କ'ଣ ?

   ଆମାଃ ଲୁତୁମ୍‌କାନା ?

2. From which are you from ?

   ତୁମେ କେଉଁ ଗ୍ରାମର ଅଟ ?

   ଆମ୍ ଅକା ହାତୁରିନିଃ ?

3. What is the name of your village ?

   ତୁମ ଗ୍ରାମର ନାମ କ'ଣ ?

   ଆପେ ହାତୁ ଲୁତୁମ୍‌କାନାଃ ?

4. Are you married ?

   ତୁମେ ବିବାହ ହୋଇଛ କି ?

   ଆମେମ୍ ଆଣାଦି କାନାଚି ?

5. How many children have you ?

   ତୁମର କେତେଜଣ ପିଲା ଛୁଆ ଅଛନ୍ତି ?

   ଆମାଃ ଚିମିନୁଂ ହନଗାଣା ମେନାଃକଆ ?

6. How many sons have you ?

   ତୁମର କେତେଜଣ ପୁଅ ଅଛନ୍ତି ?

   ଆମାଃ ଚିମିନୁଂ ହନକଳା ମେନାଃକଆ ?

7. How many daughters have you ?

   ତୁମର କେତେଜଣ ଝିଅ ଅଛନ୍ତି ?

   ଆମାଃ ଚିମିନୁଂ ହନ୍‌କୁଳି ମେନାଃକଆ ?

8. Do you have your parents ?

ତୁମର ପିତାମାତା ଅଛନ୍ତି କି ?

ଆମାଃ ଏଙ୍ଗା ଆପୁ ମେନା କିନାଚି ?

9. What is your father's name ?

ତୁମ ବାପାଙ୍କ ନାମ କ'ଣ ?

ଆମାଃ ଆବାଃ ଲୁତୁମ୍‌କାନାଃ ?

10. What is your mother's name ?

ତୁମ ମା'ଙ୍କ ନାମ କ'ଣ ?

ଆମା ମାଗାଃ ଲୁତୁମ୍‌କାନାଃ. ?

11. Do you have your grant parents ?

ତୁମର ଜେଜେ, ଜେଜି ଅଛନ୍ତି କି ?

ଆମାଃ ସାକିଂଆବା ସାକିଂମା ମେନା କିନାଚି ?

12. What is your grandfather's name ?

ତୁମ ଜେଜେଙ୍କର ନାମ କ'ଣ ?

ଆମାଃ ସାକିଂ ଆବାଃ ଲୁତୁମ୍ କାନାଃ ?

13. What is your grandmother's name ?

ତୁମ ଜେଜି / ଆଈଙ୍କ ନାମ କ'ଣ ?

ଆମାଃ ସାକିଂମାଗାଃ ଲୁତୁମ୍‌କାନାଃ ?

14. How many brothers have you ?

ତୁମର କେତେଜଣ ଭାଇ ଅଛନ୍ତି ?

ଆମାଃ ଚିମିନୁଂ ହାଗା ମେନାଃକଆତାମ୍ ?

15. What are there names ?

ସେମାନଙ୍କର ନାମ କ'ଣ ?

ଆକଆଃ ଲୁତୁମ୍‌କାନାଃ ?

16. What are your brothers ?
ତୁମ ଭାଇମାନେ କ'ଣ କରୁଛନ୍ତି ?
ଆମାଃ ହାଗାତାକ କାନଃକ ଚେକାତାନା ?
17. Do your brothers help
you in your work ?
ତୁମ ଭାଇମାନେ ତୁମକୁ କାମରେ ସାହାଯ୍ୟ କରନ୍ତି କି ?
ଆମାଃ ହାଗାତାକ ଆମ୍‌କେ କାମିରେକ ଦେଙ୍ଗାମ୍ ତାନାଚି ?
18. Which works they prefer to do ?
କେଉଁ କାମ କରିବାକୁ ସେମାନେ ପସନ୍ଦ କରନ୍ତି ?
ଅକା କାମିନାତେନ୍ ଆକ ପସନ୍ଦୟାକ ?
19. Do they like to live together ?
ସେମାନେ ଏକାଠି ରହିବାକୁ ଭଲ ପାଆନ୍ତି କି ?
ଆକ ମଦ୍‌ରେ ତାଇନ୍ ନାତେନ୍ ବେଶ୍‌କ ନାମେୟାଚି ?
20. Do they help to the neighbours in their work ?
ସେମାନେ ପଡ଼ୋଶୀମାନଙ୍କ କାର୍ଯ୍ୟରେ ସହଯୋଗ କରନ୍ତି କି ?
ଆକ ପୁଲିଶା କଆ କାମିରେ ଦେଙ୍ଗା କଆକଚି ?
21. How many sisters have you ?
ତୁମର କେତେଜଣ ଭଉଣୀ ଅଛନ୍ତି ?
ଆମାଃ ଚିମିନୁଂ ମିଶି ମେନାଃକଆ ?
22. What are their names ?
ସେମାନଙ୍କର ନାମ କ'ଣ ?
ଆକଆ ଲୁତୁମ୍‌କାନାଃ ?
23. What are your sisters ?
ତୁମ ଭଉଣୀମାନେ କ'ଣ କରୁଛନ୍ତି ?
ଆମା ମିଶିତାକ କାନାଃ କଚେକା ତାନା ?

24. Do they know cooking?

ସେମାନେ ରୋଷେଇ ଜାଣନ୍ତି କି ?

ଆକ ମାଡ଼ିଉତୁ ତିକିକ ଇତୁଆନାଚି ?

25. Do they sing song in special occasions?

ସେମାନେ ସ୍ୱତନ୍ତ୍ର ଦିବସରେ ଗୀତ ବୋଲନ୍ତି କି ?

ଆକ ସାଗୁନ୍ ଦିନ୍‌ରେ ଦୁରାଂୟାକଚି ?

26. Are your brothers married?

ତୁମର ଭାଇମାନେ ବିବାହ କରିଛନ୍ତି କି ?

ଆମା ହାଗାକ ଆଣାଦିଆ କାନାଚି ?

27. How many brothers have married?

କେତେଜଣ ଭାଇ ବିବାହ କରିଛନ୍ତି ?

ଚିମିନୁ ହାଗାକ ଆଣାଦିୟାକାନା ?

28. How many brothers have not married?

କେତେଜଣ ଭାଇ ବିବାହ କରିନାହାନ୍ତି ?

ଚିମିନୁଂହାଗା କା କି ଆଣାଦିୟାକାନା ?

29. Are your sisters married?

ତୁମର ଭଉଣୀମାନେ ବିବାହ କରିଛନ୍ତି କି ?

ଆମାଃ ମିଶିତାକ ଅମ୍ନାକାନା କଚି ?

30. How many sisters have married ?

କେତେଜଣ ଭଉଣୀ ବିବାହ କରିଛନ୍ତି ?

ଚିମିନୁଂ ମିଶିକ ଅମାକାନା ?

31. How many sisters have unmarried?

କେତେଜଣ ଭଉଣୀ ବିବାହ କରିନାହାନ୍ତି ?

ଚମିନୁଂ ମିଶିକ କାକ ଆଣାଦିୟାକାନା ?

32. How many brothers has your father?

ତୁମ ବାପାଙ୍କର କେତେଜଣ ଭାଇ ଅଛନ୍ତି ?

ଆମାଃ ଆବାଗାଃ ଚିମିନୁଂ ହାଗାମେନାଃକଆ ?

33. How many sisters has your father?

ତୁମ ବାପାଙ୍କର କେତେଜଣ ଭଉଣୀ ଅଛନ୍ତି ?

ଆମାଃ ଆବାଗାଃ ଚିମିନୁଂ ମିଶି ମେନାଃକଆ ?

34. How many brothers has your mother?

ତୁମ ମା'ଙ୍କର କେତେଜଣ ଭାଇ ଅଛନ୍ତି ?

ଆମାଃ ମାଗାଃ ଚିମିନୁଂ ହାଗାମେନାଃକଆ ?

35. How many sisters has your mother?

ତୁମ ମା'ଙ୍କର କେତେଜଣ ଭଉଣୀ ଅଛନ୍ତି ?

ଆମାଃ ମାଗାଃ ଚିମିନୁଂ ମିଶିମେନାଃକଆ ?

36. What do you call your father?

ତୁମ ବାପାଙ୍କୁ ତୁମେ କ'ଣ ଡାକୁଛ ?

ଆମାଃ ଆବାକେ ଆପେ କାନାଃପେ ରାଆକିଆ ?

37. How many families in your village?

ତୁମ ଗ୍ରାମରେ କେତୋଟି ପରିବାର ଅଛନ୍ତି ?

ଆପେ ହାତୁରେ ଅଲାଃ ହଳ ମେନାଃକଆ ?

38. How many houses in your village?

ତୁମ ଗ୍ରାମରେ କେତୋଟି ଘର ଅଛି ?

ଆପେ ହାତୁରେ ଚିମିନୁଂ ଅଲାଃମେନାଃ ?

39. Who is the village head man?

ତୁମ ଗ୍ରାମର ମୁଖିଆ କିଏ ?

ଆପେ ହାତୁରିନି ମୁରୁବି ଅକୟ ?

40. Do the villagers obey him?

ଗ୍ରାମବାସୀମାନେ ତାଙ୍କୁ ମାନନ୍ତି କି ?

ହାତୁ ହଲକ ଆଏକେ ମାନାତିଂ ଗିଆକଚି ?

41. Which festivals do the villagers observe?

ଗ୍ରାମବାସୀମାନେ କେଉଁ କେଉଁ ପର୍ବପର୍ବାଣୀ ପାଳନ କରିଥାନ୍ତି ?

ହାତୁ ହଲକ ଅକା ଅକା ପରବ୍ କ ମାନାତିଂଞା ?

42. What is name of your village deity?

ତୁମ ଗ୍ରାମ ଦେବତାଙ୍କ ନାମ କ'ଣ ?

ଆପେ ହାତୁରିନି ବଙ୍ଗାଃ ଲୁତୁମ୍‌କାନା ?

43. Which festival do the villagers observe the most?

କେଉଁ ପର୍ବଟିକୁ ଗ୍ରାମବାସୀମାନେ ସବୁଠାରୁ ଭଲ ଭାବରେ ପାଳନ କରିଥାନ୍ତି ?

ଅକା ପରବ୍‌ଟାଦ ହାତୁହଲ ବେଶେ ଲେକାକ ମାନାତିଂଞା ?

44. Which villages stand nearby your village?

ତୁମ ଗ୍ରାମକୁ ଲାଗି ଅନ୍ୟ କେଉଁ କେଉଁ ଗ୍ରାମ ରହିଛି ?

ଆପେହାତୁ ଛାପାଃରେ ଅଡ଼ ଅକ ଅକ ହାତୁମେନାଃ ?

45. Which other caste people do live in the nearby villages?

ପାଖ ଗ୍ରାମ ଗୁଡ଼ିକରେ ଅନ୍ୟ କେଉଁ ଜାତିର ଲୋକେ ବସବାସ କରିଥାନ୍ତି ?

ଛାପାଃ ହାତୁକରେ ଅଡ଼ଃ ଅକଜାତିରେନ୍ ହଲକ ମେନାଃକଆ ?

46. Do you go to the nearest village?

ତୁମେ ପାଖ ଗ୍ରାମକୁ ଯାଅ କି ?

ଆମ୍ ଛାପାଃ ହାତୁତେମ୍ ସେନଃ ଗେୟାଚି ?

47. What do the villagers collect from the forest ?

ଗ୍ରାମବାସୀମାନେ ଜଙ୍ଗଲରୁ କ'ଣ ସଂଗ୍ରହ କରିଥାନ୍ତି ?

ହାତୁ ହଲକ ବିରା ତେୟାଦ୍ କାନାଃକ ୟୁଗାଲ ଯେଦା ?

48. Do all people put on new dress during the festival ?

ପର୍ବପର୍ବାଣୀମାନଙ୍କରେ ସମସ୍ତେ ନୂଆ ପୋଷାକ ପିନ୍ଧିଥାନ୍ତି କି ?

ପରବ୍ କରେ ଝତ ହଲ ନାଓ୍ୱା କିଚିରିଃ କ ତୁସିଂଞାଚି ?

49. What is the name of the nearest market ?

ନିକଟତମ ହାଟର ନାମ କ'ଣ ?

ଛାପାଃ ହାଟରେୟାଃ ଲୁତୁମ୍କାନାଃ ?

50. What do you eat daily ?

ତୁମେ ପ୍ରତିଦିନ କ'ଣ ଖାଅ ?

ଆମ୍ ସବେନ୍ ଦିନ୍ କାନାମ୍ ଜମେ୍ୟା ?

51. Who is your best friend ?

ତୁମର ପ୍ରିୟ ସାଙ୍ଗ କିଏ ?

ଆମାଃ ଆପନାର ସୁଙ୍ଗୁତି ଅକୟ ?

52. How are you ?

ତୁମେ କେମିତି ଅଛ ?

ଆମ୍ ଚିଲ୍କାରେ ମେନାଃମେୟା ?

53. Are all other well ?

ଆଉ ସବୁ କୁଶଳ ତ ?

ଅଡ଼ ଝତ ବୁଗିଗେୟାଚ ?

54. How is your health ?

ତୁମର ସ୍ୱାସ୍ଥ୍ୟ କେମିତି ଅଛି ?

ଆମାଃ ହଲ୍ମ ଚିଲିକାମେନାଃ ?

55. What do you do when your father suffers?

ତୁମ ବାପାଙ୍କ ଦେହ ଖରାପ ହେଲେ ତୁମେ କ'ଣ କର ?

ଆମାଃ ଆବାଃ ହଲ୍ଲ ଖାରାପ୍ ଯାନ୍‌ରେ ଆମ୍ କାନାମ୍ ଚେକାୟା ?

56. What do you buy from the market?

ତୁମେ ହାଟରୁ କି କି ଜିନିଷ କିଣ ?

ଆମ୍ ହାଟାତେୟାଦ୍‌କାନାଃ କାନାଃ ଜିନିଷମ୍ କିରିଞା ?

57. How was the rainfall this year?

ଏ ବର୍ଷ ବର୍ଷାପାଣି କେମିତି ଥିଲା ?

ନେକାଲମ୍ ଗାମା ଦାଃ ଚିଲିକା ତାଇକେନା ?

58. How was your harvest this year?

ଏ ବର୍ଷ ତୁମର ଫସଲ କେମିତି ହୋଇଥିଲା ?

ନେକାଲମ୍ ଆପେୟାଃ ଫସଲ ଚିଲିକା ହୋଇଲେନା ?

59. Did you have a good crops?

ତୁମର ଭଲ ଫସଲ ହୋଇଥିଲା କି ?

ଆପେୟାଃ ବେଶେ ବାବା ହୋଇ ଲେନାଚି ?

60. Is there any failure / loss of crops this year?

ଏବର୍ଷ କୌଣସି ଫସଲ ହାନୀ ହୋଇଛି କି ?

ନେ କାଲମ୍ ଯେତାନ୍ ଫସଲ କ୍ଷେତି ଲେନାଚି ?

61. If yes, what are the reasons?

ଯଦି ହେଁ, ତେବେ କେଉଁ କାରଣରୁ ହେଲା ନାହିଁ ?

ଯଦି ହେ ତବେ ଅକା କାରଣ୍‌ତେ କା ହୋଇଯାନା ?

62. Are you well now?

ତୁମେ ଏବେ ଭଲ ଅଛ ତ ?

ଆମ୍ ନିମ୍ତୁଂ ବେଶେ ମେନାଃ ମେୟାତ ?

63. Do you know how to read and write ?

ତୁମେ ପଢ଼ା ଲେଖା ଜାଣ କି ?

ଆମ୍ ଅଲବାଲ ଲେମ୍ ଇତୁ ଆନାଚି ?

64. What do you like to do ?

ତୁମେ କ'ଣ କରିବାକୁ ଭଲ ପାଅ ?

ଆମ୍‌କାନାଃ କାମି ନାଟେନ୍ ବେଶେମ୍ ଠର୍‌ରେୟା ?

65. What have you eaten today ?

ତୁମେ ଆଜି କ'ଣ ଖାଇଛ ?

ଆମତିସିଂ କାନାମ୍ ଜମ୍‌ତାଦା ?

66. Do all of your family members enjoy good health ?

ତୁମ ପରିବାରରେ ସମସ୍ତେ ଭଲରେ ଅଛନ୍ତି କି ?

ଆପେୟାଃ ଅଜାରେ ଝଟହଲ ବୁଗିରେଗେ ମେନାଃ ପେୟାଚି ?

67. How old are you now ?

ତୁମର ବର୍ତ୍ତମାନ ବୟସ କେତେ ?

ଆମାଃ ନାମତାଂ ବୟସ ଚମିନୁଂ ?

68. Do you like to sing ?

ତୁମେ ଗୀତ ବୋଲିବାକୁ ଭଲ ପାଅ କି ?

ଆମ୍ ଦୁରା ନାଟେନ୍ ବେଶେମ୍ ନାମେୟାଚି ?

69. Do you take part in dance ?

ତୁମେ ନୃତ୍ୟରେ ଭାଗ ନିଅ କି ?

ଆମ୍ ଶୁଶୁଂରେ ଭାଗଗେମ ହାତାୟେ ଗେୟାଚି ?

70. What makes you laugh always ?

ତୁମେ କାହିଁକି ସବୁବେଳେ ହସୁଛ ?

ଆମଚିୟା ସାରା ଘିଲ୍‌ଏମ୍ ଲାନ୍ଧାଯେଦା. ?

71. Have you ever helped your friend ?

ତୁମେ ତୁମ ସାଙ୍ଗକୁ କେବେ ସାହାଯ୍ୟ କରିଛ କି ?

ଆମ୍ ଆମଃ ସୁଙ୍ଗିଡିକେ ଯେତେ ଇମ୍ତୁଂ ଦେଙ୍ଗା ତିୟାଚି ?

72. Have you ever been to the nearest village ?

ତୁମେ ପାଖ ଗାଁକୁ କେବେ ଯାଇଛ କି ?

ଆମ୍ ଯାପାଃ ହାତୁତେ ଯେତାହୁଲାଂ ସେନା କାନାଚି ?

73. How many members are there in your family ?

ତୁମ ପରିବାରର ସଦସ୍ୟ ସଂଖ୍ୟା କେତେ ?

ଆପେ ହଲାଃରେ ହଲ ଚିମିନୁଂ ମେନାଃପେୟା ?

74. Who are there in your family ?

ତୁମ ପରିବାରରେ କିଏ କିଏ ଅଛନ୍ତି ?

ଆପେ ଅଲାଃରେ ଅକୟ ଅକୟ ମେନାଃପେୟା ?

75. Do your family members like each other ?

ତୁମ ପରିବାରର ଲୋକେ ପ୍ରତ୍ୟେକଙ୍କୁ ଭଲ ପାଆନ୍ତି ତ ?

ଆପେ ଅଲାଃ ହଲ ଝତକେ ବେଶକ ନାମ୍ କଆଚି ?

76. What is your staple food ?

ତୁମେ ପ୍ରତିଦିନ ମୁଖ୍ୟ ଖାଦ୍ୟ ହିସାବରେ କ'ଣ ଖାଅ ?

ଆପେ ସବୁଦିଲାଂ ମାରାଂ ଜମେୟାଃ ଲେକାତେ କାନାଃପେ ଜମ୍ୟାଦା ?

77. How many festivals do you observe in a year ?

ବର୍ଷକ ମଧ୍ୟରେ ତୁମେ କେତୋଟି ପର୍ବ ପାଳନ କରିଥାଅ ?

ସିର୍ମାରେ ଆପେ ଚିମିନୁଂ ପରବ୍‌ପେ ମାନାତିଂଞା ?

78. Do you earn for your family ?

ତୁମେ ପରିବାର ପାଇଁ ରୋଜଗାର କରୁଛ ତ ?

ଆମ୍ ଅଲାଃ ନାତେନ୍ ରୁଜ୍‌ଗାର୍ ଜେଦାମ୍ ଉ ?

79. Is your earning managable for your family ?

ପରିବାର ପାଇଁ ତୁମର ରୋଜଗାର ଚଳଣୀୟ ?

ଅଲାଃ ନାତେନ୍ ଆମାଃ ରୁଜ୍‌ଗାର୍ ଚଲାଓ ସୁମୁଂଚି ?

80. Are all of your family members capable for earning ?

ପରିବାରର ସମସ୍ତେ ରୋଜଗାରକ୍ଷମ କି ?

ଅଲାରେ ଝତପେ ରୁଜ୍‌ଗାର୍ ଧାଲିତାନାଚି ?

81. Do you get wages properly ?

ତୁମେ ଠିକ୍ ଭାବରେ ମଜୁରୀ ପାଉଛ ତ ?

ଆମ୍ ଠିକ୍ ଲେକାଗେ କୁଲାଇ ଏମ୍ ନାମ୍ ଯାଦାତ ?

82. Did any government official come to your village ?

କୌଣସି ସରକାରୀ କର୍ମଚାରୀ ତୁମ ଗ୍ରାମକୁ ଆସିଥିଲେ କି ?

ଯେତାମ୍ ସରକାର୍ କାମିୟା ଆପେ ହାତୁତେକ ହିଜୁଃ ଗେୟାଚି ?

83. Have you got any grant from the government ?

ତୁମେ ସରକାରଙ୍କଠାରୁ କିଛି ଅନୁଦାନ ପାଇଛ କି ?

ଆମ୍ ସରକାର୍ ତେୟାଦ୍ ଯେତା ହୁଡି ଦେଙ୍ଗାମ୍ ନାମ୍ ଜାଦାଚି ?

84. Have the government taken any step for the development of your village ?

ତୁମ ଗ୍ରାମର ଉନ୍ନତିପାଇଁ ସରକାର କିଛି ପଦକ୍ଷେପନେଇଛନ୍ତି କି ?

ଆପେ ହାତୁରେୟାଃ ଉନ୍ନତି ନାତେନ୍‌ସରକାର୍ ଯେତାନ୍‌କାମିକ ଡିଇତେକଇଦିତାଦାଚି ?

85. Did you meet any government official last month ?

ତୁମେ ଗତ ମାସରେ କେଉଁ ସରକାରୀ ବାବୁଙ୍କୁ ଭେଟିଥିଲ କି ?

ଆମ୍ ସେନଃଯାନ୍ ମାସରେ ଅକ ସରକାର୍ ବାବୁଲମ୍ ନାପାମ୍ ଲେନାଚି ?

86. Do all the people collect forest produces?

ସମସ୍ତ ଲୋକ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରନ୍ତି କି ?

ଝତହଲ ବିର୍‌ରେ ନାମ୍‌ତାନ୍ ଜିନିଷ୍‌ରେ ହୁଣ୍ଡି ଜାଓ୍ୱରା ଯାଦାଚି ?

87. Do they sell forest produces?

ସେମାନେ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରନ୍ତି କି ?

ଆକ ବିର୍‌ରେ ନାମ୍‌ତାନ୍ ଜିନିଷ୍ କ ଆଖାରି ଯାଦାଚି ?

88. Are they getting fair price in selling the forest produces?

ଜଙ୍ଗଲଜାତଦ୍ରବ୍ୟ ବିକ୍ରିକରି ସେମାନେ ଉଚିତ୍ ମୂଲ୍ୟ ପାଉଛନ୍ତି କି ?

ବିର୍‌ରେ ନାମତାନ୍ ଜିନିଷ୍ ଆଖାରିଂକାତେ ଆକ ଠିକ୍ ଦାମ୍‌କ ନାମ୍ ଯାଦାଚି ?

89. Where do they sell the forest produces?

ସେମାନେ ଜଙ୍ଗଲଜାତ ଦ୍ରବ୍ୟକୁ କେଉଁଠାରେ ବିକ୍ରି କରନ୍ତି ?

ଆକ ବିର୍‌ରେ ନାମ୍‌ତାନ୍ ଜିନିଷ୍ ଅକାରେକ ଆଖାରିଯାଦା ?

90. What do you take / keep with you when you go to the forest?

ତୁମେ ଜଙ୍ଗଲକୁ ଗଲାବେଳେ ସାଥିରେ କ'ଣ ନେଇ ଯାଇଥାଅ ?

ଆପେ ବିର୍‌ତେ ସେନଃତାନ୍ ସମୟରେ ସଙ୍ଗେରେ କାନାଃପେ ଇଦି ଧାରାଓ୍ୱା ?

91. Which visiting spots are there near your village?

ତୁମ ଗାଁ ପାଖରେ କେଉଁ କେଉଁ ଦର୍ଶନୀୟ ସ୍ଥାନ ଅଛି ?

ଆପେ ହାତୁଜାପାରେ ଅକଅକ ଲେଲେନ୍ ଲେକାନ୍ ଯାଏଗା ମେନାଗାଃ ?

92. Does any river flow nearby your village ?

ତୁମ ଗାଁ ନିକଟରେ କୌଣସି ନଦୀ ଅଛି କି ?

ଆପେ ହାତୁ ଙ୍କାପାରେ ଯେତାନ୍ ଗାଡା ମେନାଃଚି ?

93. Did the village worker come to village in last few days ?

ଗତ କିଛିଦିନ ତଳେ ତୁମ ଗ୍ରାମକୁ ଗ୍ରାମସେବକ ଆସିଥିଲେ କି ?

ଟିମିନ୍ ଦିନ୍ ମାଣାଂତେ ଆପେ ହାତୁତେ ଗ୍ରାମସେବକ୍ ଏ ହିଁଃ ଲେନାଚି ?

94. What did he say to you ?

ସେ ତୁମ୍ଭମାନଙ୍କୁ କ'ଣ କହିଲେ ?

ଆଏ ଆପେକେ କାନାଃ ମେତାପେତାନ୍ ତାଇକେନା ?

95. What did you present before the B.D.O. ?

ତୁମେ ବି.ଡ଼ି.ଓ.ଙ୍କ ପାଖରେ କେଉଁ କେଉଁ କଥା କହିଲ ?

ଆପେ ବି.ଡି.ଓ ତାଃରେ କାନାଃ କାନାଃ କାଜିପେ ଜାଗାରାଲିଆ ?

96. Did the B.D.O. give any remarks ?

ବି.ଡ଼ି.ଓ. କିଛି ମନ୍ତବ୍ୟ ଦେଲେ କି ?

ବି.ଡି.ଓ. ଯେତାଃ କାଜି ମେତାଦ୍ ପେୟାଚି ?

97. Is there any hills near your village ?

ତୁମ ଗ୍ରାମ ନିକଟରେ କୌଣସି ପାହାଡ଼ ପର୍ବତ ଅଛି କି ?

ଆପେ ହାତୁ ଙ୍କାପାଃରେ ଯେତାନ୍ ବୁରୁ ମେନାଃ ଚି ?

98. Do you cultivate on the hill ?

ପାହାଡ଼ ଉପରେ ତୁମେ ଚାଷ କରକି ?

ବୁରୁ ଚେତାନ୍‌ରେ ଆପେପେ ଚାଷେ ଗେୟାଚି ?

99. Have you collected much sal seed this year ?

ଏବର୍ଷ ଜଙ୍ଗଲରୁ ଶାଳମଞ୍ଜି ଅଧିକ ସଂଗ୍ରହ କରିଛ କି ?

ଏ ସିର୍ମା ବିର୍‌ତେୟାଦ୍ ସାରଜମ୍ ଛାଂ ସାଙ୍ଗିନଃଗେ ହାଲାଂ ଲାଃ ଚି ?

100.Have you got any other grant from the government ?

ସରକାରଙ୍କଠାରୁ ଅନ୍ୟ କେଉଁ ଅନୁଦାନ ପାଇଛ କି ?

ସରକାର୍ ତେୟାଦ୍ ଅଡ଼ଃ ଯେତାନ୍ ଅନୁଦାନ୍ ପେ ନାମ୍ ତାଦାଚି ?

101.Does everybody know how to make wine ?

ଗ୍ରାମର ପ୍ରତ୍ୟେକ ମଦ ତିଆରି ଜାଣନ୍ତି କି ?

ହାତୁ ଝତହଲ ଆର୍କି ବାଇକ ଇତୁଆନାଚି ?

102.What do the villegers do for better living ?

ଭଲରେ ବଞ୍ଚିବା ପାଇଁ ଗ୍ରାମବାସୀମାନେ କ'ଣ କରନ୍ତି ?

ବେଶ୍‌ରେ ବାଞ୍ଚାଏନ୍ ନାତେନ୍ ହାତୁହଲ କାନାଃକ ଚେକାୟା ?

103.Do both male and female hunt forest animals for living ?

ଉଭୟ ମହିଳା ଓ ପୁରୁଷ ବଞ୍ଚିବା ପାଇଁ ବନ୍ୟପଶୁ ଶୀକାର କରନ୍ତିକି ?

ସବେନ୍ କୁଳିକଲା ବାଞ୍ଚାଏନ୍ ନାତେନ୍ ବିର୍ ଜିଲୁକ ସେନ୍ଦେରା କଆଚି ?

104.What type of crops do they sow in their lands ?

ସେମାନେ କେଉଁ ପ୍ରକାରର ଶସ୍ୟ ସେମାନଙ୍କ ଜମିରେ ବୁଣିଥାନ୍ତି ?

ଆକ ଅକାଲେକାନ୍ ହିତାଙ୍ଗାଂ ଆକଆ ବାଛିରେକ ହେରଯାଦା ?

105.Besides hunting, what do they do to earn their livelihood ?

ବଞ୍ଚିବା ପାଇଁ ଶୀକାର ବ୍ୟତୀତ ସେମାନେ କ'ଣ କରନ୍ତି ?

ବାଞ୍ଚାଏନ୍ ନାତେନ୍ ସେନ୍ଦେରା ବାଦ୍‌କାତେ ଆକ କାନାଃକ କାମିଯାଦା ?

106.Do you have a good relationship with your neighbour ?

ତୁମେ ପଡ଼ୋଶୀମାନଙ୍କ ସହିତ ଉତ୍ତମ ସମ୍ବନ୍ଧ ରଖିଛ କି ?

ଆପେ ପଜିସାକୟଃ ବୁଗି ମାନାତିଂପେ ଜଗାଓ ତାଦାଚି ?

107.Do you help the neighbours ?

ତୁମେ ପଡ଼ୋଶୀମାନଙ୍କୁ ସାହାଯ୍ୟ କର କି ?

ଆପେ ପଲିସା କକେ ଦେଙ୍ଗା ଜାଦ୍ କଆଚି ?

108.Do the neighbours help you ?

ପଡ଼ୋଶୀମାନେ ତୁମକୁ ସାହାଯ୍ୟ କରନ୍ତି କି ?

ପଲିସା କ ଆପେକ ଦେଙ୍ଗା ଜାପେୟାଚି ?

109.Is there any restriction for other caste marriage ?

ଅନ୍ୟ ଜାତି ସହ ବିବାହ ପାଇଁ କିଛି କଟକଣା ଅଛି କି ?

ଏଟା ଜାତିଲଃ ଅଣାଦି ନାତେନ୍ ଯେତାନ୍ ଏଟ୍କେ ଟଣେମେନାଃ ଚି ?

110.What do you do if a girl of your community marries a boy of another caste ?

ଯଦି ଅନ୍ୟ ଜାତିର ପୁଅ ସହିତ ତୁମ ସମ୍ପ୍ରଦାୟର ଝିଅ ବିବାହ କରେ ତୁମେ କ'ଣ କର ?

ଯଦି ଏଟା ଜାତିରେ ହଲକଲା ଲଃ ଆପେ ଜାତିରେନ୍ ହନକୁଳି ଆଣ୍ଦିଗିୟାଃ ଆପେ କାନାଃ ପେଚେକାୟା ?

111.How does the marriage take place in your community ?

ତୁମ ଜାତିରେ ବିବାହ କିପରି ହୁଏ ?

ଆପେ ଜାତିରେ ଆଣ୍ଦି ଚିଲିକା ହୟୁଃତାନା ?

112.Do all the persons co-operate in collective work ?

ସମୂହ କାର୍ଯ୍ୟରେ ପ୍ରତ୍ୟେକ ବ୍ୟକ୍ତି ସହଯୋଗ କରନ୍ତି କି ?

ସବେନ୍ ଲେକାନ୍ କାମିରେ ଝତହଲ ଦେଙ୍ଗାକ ଅମେୟାଚି ?

113.What do you do if a person does wrong ?

କୌଣସି ବ୍ୟକ୍ତି ଖରାପ କାମ କଲେ ତୁମେ କ'ଣ କର ?

ଯେତାନ୍ ହଲ ଜୁଦାକ କାମିକେ ଆପେକାନାଃପେ ଚେକାୟା ?

114.Is there any system of punishment ?

ଦଣ୍ଡ ବିଧାନର କିଛି ବ୍ୟବସ୍ଥା ଅଛି କି ?

ଡାଣ୍ଡେରେୟା ଯେତାନ୍ କାମିହରା ମେନାଃ ଚି ?

115.Is there a good harvest this year ?

ଏବର୍ଷ ଭଲ ଅମଳ ହୋଇଛି କି ?

ନେକାଲମ୍ ବୁଗିଗେ ବାବା ହୋଇ ଲେନାଚି ?

116.Is the paddy cultivation well ?

ଧାନ ଚାଷ ଭଲ ହୋଇଛି କି ?

ବାବା ଚାଷ୍ ବେଶେ ହୋଇଆ କାନାଚି ?

117.Which type of animals do you keep in your house ?

ତୁମେ କେଉଁ ପ୍ରକାରର ପଶୁ ତୁମ ଘରେ ରଖିଛ ?

ଆପେ ଅକା ଲେକାନ୍ ଜାତିରେନ୍ ଉରିଃମେରଂପେ ଆସୁଲ ଯାଦ୍‌କଆ?

118.How many bullocks and cows have you ?

ତୁମର କେତୋଟି ବଳଦ ଓ ଗାଈ ଅଛନ୍ତି ?

ଆପେୟାଃ ଚିମିନୁଂ ଉରିଗାଇଁ ମେନାଃକଆ ?

119.Why do you keep other birds and animlas in your house ?

ତୁମେ ଅନ୍ୟ ପଶୁପକ୍ଷୀଙ୍କୁ ଘରେ କାହିଁକି ରଖିଛ ?

ଆପେ ଏଟା ଜାତିରେ ଆସୁଲ୍ ଜନ୍ତୁକ ଅଲାଃରେପେ ଦଅ ତାକଆ?

120.Do you have cowshed ?

ତୁମର ଗୁହାଳ ଅଛି କି ?

ଆପେୟା ଗଣାମେନାଃ ଚି ?

121.Have you received any seeds free of cost from the Block ?

ତୁମେ ବ୍ଲକ୍‌ରୁ କିଛି ବିହନ ମାଗଣାରେ ପାଇଛ କି ?

ଆପେ ବ୍ଲକ ତେୟାଦ୍ ଯେତା ଇମିନୁଂ ହିତା ଆସେତେପେ ନାମ୍‌ଯେଦା ଚି ?

122.Have govt. provided you any agricultural implements ?

ତୁମକୁ ସରକାର କିଛି କୃଷି ଯନ୍ତ୍ରପାତି ଯୋଗାଇଛନ୍ତି କି ?

ଆପେକେ ସରକାର୍ ଯେତାନ୍ ଚାଷ୍ ଯନ୍ତ୍ରପାତିକ ଯୁଗାଓ୍ୱା ତାନାପେଚି ?

123.Have you got any other facilities from the government ?

ତୁମେ ସରକାରଙ୍କଠାରୁ ଆଉ କିଛି ସୁବିଧା ସୁଯୋଗ ପାଇଛ କି ?

ଆପେ ସରକାର୍ ତାଃ ତେୟାଦ୍ ଆଡ଼୍ ଯେତାନ୍ ସବିଧାପେ ନାମ ଯାଦାଚି ?

124.What do you use for cutting the paddy ?

ତୁମେ ଧାନ କାଟିବାରେ କ'ଣ ବ୍ୟବହାର କର ?

ଆପେ ବାବା ଇର୍‌ତାନ୍‌ରେ କାନାଃପେ ବ୍ୟବହାରଯାଦା ?

125.What kind of hunting implements do you use during hunting ?

ତୁମେ ଶୀକାର ବେଳେ କେଉଁ କେଉଁ ଶୀକାର ସାମଗ୍ରୀ ବ୍ୟବହାର କର ?

ଆପେ ସେନ୍ଦେରା ସମାୟରେ ଅକା ଅକା ସେନ୍ଦେରା ସଜପେ ବ୍ୟବହାରଯାଦା ?

126.Do you know how to dance, sing and play a musical instrument ?

ତୁମେ ନାଚିବା, ଗାଇବା ଓ ବାଜା ବଜାଇବା ଜାଣ କି ?

ଆପେ ସୁସୁନ୍ ଦୁରାଂ ଆର୍ ରୁଦମ୍ ଇତୁ ଆନାଚି ?

127.What type of musical instrument do you use while dancing ?

ତୁମେ ନୃତ୍ୟ ବେଳେ କି କି ପ୍ରକାର ବାଦ୍ୟଯନ୍ତ୍ର ବ୍ୟବହାର କର ?

ଆପେ ସୁସୁନ୍‌ତାନ୍ ସମାୟରେ କାନାଃ କାନାଃ ବାଜାଣାପେ ବ୍ୟବହାରଯାଦା ?

128.Do the females wear ornaments ?

ମହିଳାମାନେ ଗହଣା ପିନ୍ଧନ୍ତି କି ?

କୁଳିହନ୍‌କ ସାପାବକ ତୁସିଂୟାଚି ?

129.By which your house is roofed ?

ତୁମର ଘର କେଉଁଥିରେ ଛପର ?

ଆପେ ଅଲାଃ କାନାଃତେ ଦାଲ୍‌ବାକାନା ?

130.Do you feel severe cold here in winter ?

ଶୀତ ଋତୁରେ ତୁମେ ଏଠାରେ ପ୍ରବଳ ଥଣ୍ଡା ଅନୁଭବ କର କି ?

ରାବାଂ ଦିନ୍‌ରେ ଆପେ ନେରେ ଉତି ରେୟାନ୍ ପେଠର୍ ରେୟାଚି ?

131.When do the villagers meet together ?

କେତେବେଳେ ଗ୍ରାମବାସୀମାନେ ଏକତ୍ର ଭେଟ ହୁଅନ୍ତି ?

ଚିମିତୁଂ ହାତୁହଲକ ମଦ୍‌ରେକ ନାପାମାଃ ?

132.Do the villagers eat together during special occasions ?

ଗ୍ରାମବାସୀମାନେ ପର୍ବପର୍ବାଣୀରେ ଏକତ୍ର ଭୋଜନ କରିଥାନ୍ତି କି ?

ହାତୁହଲକ ପରବ୍‌ରେ ମଦ୍‌ରେକ ଜମେୟାଚି ?

133.Do you attend special programmes arranged by the government ?

ସରକାରଙ୍କଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ରକାର୍ଯ୍ୟକ୍ରମରେ ତୁମେ ଯୋଗଦିଅ କି ?

ସରକାର୍ ଦିୟାଁତେ ସାମ୍ପଲାକାନ୍ ବୁଗିନ୍ କାମିରେ ଆପେପେ ମେଶାନ୍ ଗେୟାଚି ?

134.What do you want for the development of agriculture ?

କୃଷି ଅଭିବୃଦ୍ଧି ପାଇଁ ତୁମେ କ'ଣ ଚାହଁ ?

ଚାଷ୍‌ରେ ମାରାଂଏନ୍ ନାତେନ୍ ଆପେ କାନାଃପେ ମନେୟା ?

135.How many males are there in your family ?

ତୁମ ପରିବାରରେ କେତେଜଣ ପୁରୁଷ ଅଛନ୍ତି ?

ଆପେ ଅଲାଃରେ ଚିମିନୁଂ କଲାହନ୍ ମେନାଃକଆ ?

136.How many females are there in your family ?

ତୁମ ପରିବାରରେ କେତେଜଣ ମହିଳା ଅଛନ୍ତି ?

ଆପେ ଅଲାଃରେ ଚିମିନୁଂ କୁଳିହନ୍ ମେନାଃକଆ ?

137.What is your son doing ?

ତୁମର ପୁଅ କ'ଣ କରୁଛି ?

ଆମାଃ ହନ୍‌କଲା କାନାଃ ଚେକାତାନା ?

138.Why did your son discontinue his study ?

ତୁମର ପୁଅ କାହିଁକି ପଢ଼ିଲା ନାହିଁ ?

ଆମାଃ ହନକଲା ଚିୟାଃକା ଅଲ୍‌ଯାନା ?

139.Is your son capable enough to work now ?

ବର୍ତ୍ତମାନ ତୁମ ପୁଅ କାମ କରିବାକୁ ସମର୍ଥ କି ?

ନାମ୍‌ତାଂ ଆମାଃ ହନକଲା କାମିଃ ଧାଳିଯାନାଚି ?

140.What do you think for the future of your children ?

ତୁମ ପିଲାମାନଙ୍କ ଭବିଷ୍ୟତ ପାଇଁ ତୁମେ କ'ଣ ଚିନ୍ତା କରିଛ ?

ଆମାଃ ହନକଆ ଭବିଷଦ୍ ନାତେନ୍ ଆମ୍‌କାନାମ୍ ଚିନ୍ତାତାଦା ?

141.What is your daughter doing ?

ତୁମ ଝିଅ କ'ଣ କରୁଛି ?

ଆମାଃ ହନକୁଳି କାନାଃ ଚେକାତାନା ?

142.Is your daughter going to school ?

ତୁମ ଝିଅ ସ୍କୁଲକୁ ଯାଉଛି କି ?

ଆମାଃ ହନକୁଳି ଅଲ ଆଶାଲାତେ ସେନଃତାନାଚି ?

143.What class is she in ?

ସେ କେଉଁ ଶ୍ରେଣୀରେ ପଢୁଛି ?

ଆଏ ଅକା ଶ୍ରେଣୀରେ ଅଲ୍‌ତାନା ?

144.What does she do at home ?

ସେ ଘରେ କି କି କାମ କରେ ?

ଆଏ ଅଳାଃରେ କାନାଃକାନାଃ କାମି ବାଳାୟା ?

145.Does she help her mother in home work ?

ସେ ମା'ଙ୍କୁ ଘର କାମରେ ସାହାଯ୍ୟ କରେ କି ?

ଆଏ ଆୟାଃ ମାକେ ଅଳାଃ କାମିରେ ଦେଙ୍ଗା ଯିଆଚି ?

146.Is there any communication facility to your village ?

ତୁମ ଗାଁ ପାଇଁ ଗମନାଗମନର ସୁବିଧା ଅଛି କି ?

ଆପେ ହାତୁନାତେନ୍ ହିଜୁଃସେନଃ ରେୟା ସୁବିଧା ମେନାଃଚି ?

147.How the villagers earn their livelihood ?

ଗ୍ରାମବାସୀମାନେ କିଭଳି ଭାବରେ ଚଳିଥାନ୍ତି ?

ହାତୁ ହଳକ ଚିଲିକାତେକ ଆସୁଲେନ୍‌ତାନା ?

148.Do they hunt only animals ?

ସେମାନେ କେବଳ ପଶୁ ଶୀକାର କରନ୍ତି କି ?

ଆକଦ ଜିଲୁଗେକ ସେନ୍ଦେରାଃ ଚି ?

149.Why do they hunt the animals ?

ସେମାନେ ପଶୁ ଶୀକାର କାହିଁକି କରନ୍ତି ?

ଆକ ଜିଲୁ ସେନ୍ଦେରା ଚିୟାଃକ କାମିଯାଦା ?

150.Do the villagers worship Gods & Goddesses ?

ଗ୍ରାମବାସୀମାନେ ଦେବାଦେବୀଙ୍କୁ ପୂଜା କରନ୍ତି କି ?

ହାତୁହଳକ ବଙ୍ଗା ବୁରୁକେକ ବଙ୍ଗାକ ତାନାଚି ?

151.What the name of the diety they worship ?

ସେମାନେ ପୂଜା କରୁଥିବା ଦେବତାଙ୍କ ନାମ କ'ଣ ?

ଆକକ ବଙ୍ଗା କତାନ୍ ବଙ୍ଗାଃ ଲୁତୁମ୍‌କାନା ?

152.What is the name of the hill near your village ?

ତୁମ ଗାଁ ପାଖରେ ଥିବା ପାହାଡ଼ର ନାମ କ'ଣ ?

ଆପେ ହାତୁ ଜାପାଃରେ ମେନଃ ବୁରୁରେୟାଃ ଲୁତୁମ୍‌କାନା ?

153.What type of cultivation do you practice on the hill ?

ତୁମେ ପାହାଡ଼ ଉପରେ କ'ଣ ଚାଷ କର ?

ଆପେୟାଃ ବୁରୁ ଚେତାନ୍‌ରେ କାନା ଚାଷଃତାନା ?

154.Is there terrace land on the hill ?

ପାହାଡ଼ ଉପରେ ଥାକ ଥାକ କରି ଜମି ଅଛି କି ?

ବୁରୁ ଚେତାନ୍‌ରେ ଥାକ୍ ଥାକ୍ କାତେ ହାସାମେନାଃ ଚି ?

155.What do you harvest ?

ତୁମେ କ'ଣ ଅମଳ କର ?

ଆପେ ଅକା ବାବା ଯାଇଙ୍କାପେ ଇର୍‌ଯାଦା ?

156.Which crops have you harvest much ?

ତୁମେ କେଉଁ ଶସ୍ୟ ବେଶୀ ଅମଳ କର ?

ଆପେ କାନାଃପେ ଇଚ୍‌ଯାଦା ?

157.Where do you cultivate ?

ତୁମେ କେଉଁ ସ୍ଥାନ ମାନଙ୍କରେ ଚାଷ କର ?

ଆପେ ଅକା ଯାଏଗାରେପେ ଚାଷ୍‌ଯାଦା ?

158.When dc you harvest ?

ତୁମେ କେଉଁ ସମୟରେ ଅମଳ କରିଥାଅ ?

ଆପେ ଅକା ସମାୟରେପେ ଇର୍‌ଯାଦା ?

159.When do you start your cultivation ?

ତୁମେ କେଉଁ ସମୟରେ ଚାଷ କାମ ଆରମ୍ଭ କର ?

ଆପେ ଅକା ସମାୟରେ ଚାଷ୍‌ପେ ଏଟେଃ ଯାଦା ?

160.Do you have a good harvest this year ?

ତୁମର ଏହି ବର୍ଷ ଭଲ ଅମଳ ହୋଇଛି କି ?

ଆପେୟାଃ ନିୟା ସିର୍ମାରେ ବେଶେପେ ଇର୍‌ ତାଦାଚି ?

161.Do the people practice only shifting cultivation ?

ଲୋକମାନେ କେବଳ ପୋଡୁଚାଷ କରନ୍ତି କି ?

ହୋଡକ ଯାଇକାଦ ଗଡ଼ାକ ଚାଷଯାଦା ?

162.Is there any water supply facility for cultivation ?

ଚାଷ ପାଇଁ ଜଳ ଯୋଗାଣର ସୁବିଧା ଅଛି କି ?

ଚାଷ୍‌ ଯତେନ୍‌ ଦାଃ ପାଙ୍କାଓରେୟ ସୁବିଧାମେନାଃ ଚି ?

163.How can you get much harvest from land ?

ତୁମେ କିଭଳି ଭାବରେ ଜମିରୁ ଅଧିକ ଅମଳ ପାଇ ପାରିବ ?

ଅପେ ଅକା ଲେକାତେ ହାସାତେୟାଦ୍‌ ସାଙ୍ଗିରେ ଇଚଧାଳିତାନା?

164.What is name of the nearest market ?

ଗାଁ ପାଖ ହାଟର ନାମ କ'ଣ ?

ହାତୁ ଢାପାଃରେୟାଃ ହାଟ ଲୁତୁମ୍‌କାନାଃ ?

165.What are the name of the markets ?

ହାଟ ଗୁଡ଼ିକର ନାମ କ'ଣ ?

ହାଟ କରେୟଃ ଲୁତୁମ୍‌କାନା ?

166.In which day this market sits ?

କେଉଁ ବାରରେ ଏହି ହାଟଟି ବସେ ?

ଅକାବାରରେ ହାଟ୍‌. ହୟୁଃତାନା ?

167.How far is the market from your village ?

ତୁମ ଗ୍ରାମରୁ ହାଟର ଦୂରତା କେତେ ?

ଆପେ ହାତୁ ଆତେୟାଦ୍ ହାଟ୍ଦ ଚିମିନ୍ ସାଙ୍ଗିଞ ?

168.Do you visit the nearest market ?

ତୁମେ ପାଖ ହାଟକୁ ଯାଅ କି ?

ଆପେ ହାତୁ ହଟ୍ ତେପେ ସେନଃ ଗେୟାଚି ?

169.Why do you visit the market ?

ତୁମେ ହାଟକୁ କାହିଁକି ଯାଅ ?

ଆପେ ହାଟ୍ତେ ଚିୟାପେ ସେନଗାଃ

170.What kinds of goods are sold largely in the market ?

ହାଟରେ ସବୁଠାରୁ କେଉଁ ଜିନିଷ ଅଧିକ ବିକ୍ରି ହୁଏ ।

ହାଟରେ ଝତଆ ତେୟାଦ୍ ଅକା ସାଙ୍ଗି ଆଖାରିଞ ଅ ଆ ?

171.What type of goods are sold in the market ?

ହାଟରେ କେଉଁ କେଉଁ ଜିନିଷ ବିକ୍ରି ହୁଏ ?

ହାଟ୍ରେ ଅକା ଅକା ଜିନିଷ୍କ ଆଖାରିଂ ଅ ଆ ?

172.What do you buy from the market ?

ତୁମେ ହାଟରୁ କ'ଣ କିଣ ?

ଆପେ ହାଟ୍ ତେୟାଦ୍ କାନାଃପେ କିରିଞ ?

173.Does everybody visit to the market ?

ପ୍ରତ୍ୟେକ ଲୋକ ହାଟକୁ ଯାଆନ୍ତି କି ?

ଝତହଲ ହାଟ୍କ ସେନାଃ ଚି ?

174.Does everybody go to the market only to visit it ?

ପ୍ରତ୍ୟେକ ଲୋକ ହାଟକୁ ବୁଲିବାକୁ ଯାଆନ୍ତି କି ?

ଝତହଲ ହାଟ୍ତେ ଜାଣା ବାଲାକ ସେନାଃଚି ?

175.Do you observe different festivals in a year?

ବର୍ଷକରେ ତୁମେ ବିଭିନ୍ନ ପର୍ବପର୍ବାଣୀ ପାଳନ କର କି ?

ସିର୍ମାରେ ଆପେ ଇସୁତାନ୍ ପରବ୍‌ପେ ମାନାତିଂଙ୍ଗାଚି ?

176.When do you observe crop cutting festival?

ତୁମେ କେଉଁ ସମୟରେ ଧାନକଟା ପର୍ବ ପାଳନ କର ?

ଆପେ ଅକା ସମାୟରେ ବାବାଇର ପରବ୍‌ପେ ମାନାତିଂଙ୍ଗ ?

177.Whom do you worship in that festival?

ସେହି ପର୍ବରେ ତୁମେ କାହାକୁ ପୂଜା କର ?

ଇନା ପରବ୍‌ରେ ଆପେ ଅକୟପେ ବଙ୍ଗାଇତାନା ?

178.Why do you worship that diety/Goddess?

ତୁମେ କାହିଁକି ସେହି ଦେବତାଙ୍କୁ ପୂଜା କର ?

ଆପେଚିୟାଃ ଏନ୍ ବଙ୍ଗାପେ ବଙ୍ଗାଇତାନା ?

179.How do you worship the diety in this festival?

ତୁମେ ଏହି ପର୍ବରେ ଦେବଦେବୀଙ୍କୁ କିପରି ପୂଜାକର ?

ଆପେ ଇନା ପରବ୍‌ରେ ବଙ୍ଗା ବୁରୁକ ଚିଲିକାତେପେ ?

180.Who worships the diety in this festival?

ଏହି ପର୍ବରେ କିଏ ପୂଜା କରନ୍ତି ?

ଇନା ପରବ୍‌ରେ ଅକୟେ ବଙ୍ଗାଯାଦାଃ ?

181.What do you call to the village priest?

ତୁମେ ପୂଜକଙ୍କୁ କ'ଣ ଡାକ ?

ଆପେ ବଂଗାନିଃକେ କାନାଃ ମେନ୍ତେପେ ରାଃ ଢିଆ ?

182.Is there any dance programme in this festival?

ଏହି ପର୍ବରେ କୌଣସି ନୃତ୍ୟ ପରିବେଷଣର କାର୍ଯ୍ୟକ୍ରମ ଥାଏ କି ?

ନିଆ ପରବ୍‌ରେ ଯେତାଃ ସୁସୁନ୍ ଦୁରାଂରେୟାଃ କାମିହରା ମେନାଃ ଚି ?

183.Do both the male and female dance together ?

ଉଭୟ ପୁରୁଷ ଓ ମହିଳା ଏକତ୍ର ନୃତ୍ୟ କରିଥାଆନ୍ତି କି ?

ସବେନ୍ କଲା ଆର୍ କୁଲିହନ୍ ମଦ୍ ଠାୟାଁରେପେ ସୁସୁନାଃଚି ?

184.Do the people eat together after the dance ?

ନୃତ୍ୟ ଶେଷରେ ସମସ୍ତଲୋକ ଏକାଠି ଭୋଜନ କରିଥାଆନ୍ତି କି ?

ସୁସୁନ୍ ଟୁଣ୍ଡୁରେ ଝେତହଲ ମଦ୍‌ରେକ ଜମେୟାଚି ?

185.What items are cooked in that feast ?

ସେହି ଭୋଜିରେ କ'ଣ କ'ଣ ରନ୍ଧା ଯାଇଥାଏ ?

· ଇନା ଭୋଜ୍‌ରେ କାନାଃ କାନାଃରେ ତିକି ଯାଦା ?

186.Is animal sacrified in this festival ?

ଏହି ପର୍ବରେ ପଶୁବଳୀ ଦିଆଯାଏ କି ?

ନିଆ ପରବ୍‌ରେ ଯେତନ୍‌କପେ ବଙ୍ଗା କଆଚି ?

187.What animal is sacrificed in this festival ?

ଏହି ପର୍ବରେ କେଉଁ ପଶୁକୁ ବଳୀ ଦିଆଯାଏ ?

ନିଆ ପରବ୍‌ରେ କାନ୍‌କୁପେ ବଙ୍ଗା ଯାଦ୍‌କଆ ?

188.Have any developmental works undertaken in your village ?

ତୁମ ଗ୍ରାମରେ କିଛି ଉନ୍ନୟନ ମୂଳକ କାର୍ଯ୍ୟ ହୋଇଛି କି ?

ଆପେ ହାତୁରେ ଯେତାନ୍ ରାନାକାବ୍ ଲେକାନ୍ କାମିହୋଇୟା କାନାଚି ?

189.Is there any facility of drinking water in your village?

ତୁମ ଗ୍ରାମ ପାଇଁ ପିଇବା ପାଣିର ସୁବିଧା ଅଛି କି ?

ଆପେ ହାତୁ ନାତେନ୍ ନୁ ଦାଃରେୟା ସୁବିଧାମେନାଃ ଚି ?

190.Are the village roads narrow ?

ଗ୍ରାମର ରାସ୍ତାଗୁଡ଼ିକ ଅଣଓସାରିଆ କି ?

ହାତୁରେୟା ହରା କଦ କୁଟିଦ୍ ଗେୟାଚି ?

191.How far is the Gram Panchayat from your village ?

ତୁମ ଗ୍ରାମଠାରୁ ପଞ୍ଚାୟତର ଦୂରତା କେତେ ?

ଆପେ ହାତୁଆ ତେୟାଦ୍ ପଞ୍ଚାୟଦ୍ ଦ ଚିମିନ୍ ସାଙ୍ଗିଞ୍ଜା ?

192.Does the Gram Panchayat help the people ?

ଗ୍ରାମ ପଞ୍ଚାୟତ ଲୋକଙ୍କୁ ସାହାଯ୍ୟ କରେ କି ?

ଗ୍ରାମ୍ ପଞ୍ଚାୟଦ୍ ହଲକକେଃ ଦେଙ୍ଗା ଯାଦ୍‌କଆଚି ?

193.Which type of help it provides to the people ?

କେଉଁ ପ୍ରକାର ସାହାଯ୍ୟ ଏହା ଲୋକମାନଙ୍କୁ ଯୋଗାଇଥାଏ ?

ଅକାଲେକାନ୍ ଦେଙ୍ଗାନିୟା ହଲକକେଃ ଅମାକତାନା ?

194.Does the Sarapanch listen to the people ?

ସରପଞ୍ଚ ଲୋକମାନଙ୍କର କଥା ଶୁଣନ୍ତି କି ?

ସରପଞ୍ଚ୍ ହଲକଆଃ କାଜିକ ଆୟମ୍ ଯାଦାଚି ?

195.Does the Sarapanch come to your village ?

ତୁମ ଗ୍ରାମକୁ ସରପଞ୍ଚ ଆସନ୍ତି କି ?

ଆପେ ହାତୁତେ ସରପଞ୍ଚ୍ ହିଜୁଃ ତାନାଚି ?

196.Which developmental work the Gram Panchayat has undertaken ?

ଗ୍ରାମ ପଞ୍ଚାୟତ କେଉଁ ଉନ୍ନତି ମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି ?

ଗ୍ରାମ୍ ପଞ୍ଚାୟଦ୍ ଅକାଲେକାନ୍ ରାନାକାବ୍ କାମିକ ଟିତେ ଇଦିଯାଦାଃ?

197.Is there any electric facility for your village ?

ତୁମ ଗ୍ରାମ ପାଇଁ ବିଦ୍ୟୁତର ସୁବିଧା ଅଛି କି ?

ଆପେ ହାତୁ ନାତେନ୍ ବିଦ୍ୟୁତ୍‌ରେୟାଃ ସୁବିଧା ମେନାଃ ଚି ?

198.If not, have government given any words for electrification ?

ଯଦି ନୁହେଁ, ବିଦ୍ୟୁତ ଯୋଗାଣ ପାଇଁ ସରକାର କିଛି ପ୍ରତିଶ୍ରୁତି ଦେଇଛନ୍ତି କି ?

ଯଦି କାଗେ, ବିଦ୍ୟତ ଯୁଗାଏ ନାତେନ୍ ସରକାର୍ ଯେତାଃ କାଜିକ ଅମାକାଦ୍ ପେୟାଚିଚ?

199.Where do you bring water ?

ତୁମେ କେଉଁଠାରୁ ପାଣି ଆଣ ?

ଆପେ ଅକାତେୟାଦ୍ ଦାଃ ପେ ଆଉଯାଦା ?

200.Where do you bring in summer ?

ତୁମେ ଗ୍ରୀଷ୍ମଦିନେ କେଉଁଠାରୁ ପାଣି ଆଣ ?

ଆପେ ଇେଟେ ସିଙ୍ଗିଂ ଅକା ତେୟାଦ୍ ଦାଃପେ ଆଉଯାଦା ?

201.Do you feel scares of water in summer ?

ତୁମେ ଗ୍ରୀଷ୍ମଦିନେ ଜଳର ଅଭାବ ଅନୁଭବ କର କି ?

ଆପେ ଇେଟେ ସିଙ୍ଗି ଦାଃ ନାତେନ୍ ପେ ଟେକେ ଟଣେ ତାନାଚି?

202.Do all enjoy good health ?

ସମସ୍ତଙ୍କ ସ୍ୱାସ୍ଥ୍ୟ ଭଲ ଅଛି କି ?

ଝତହଲ କଆ ହକ୍ସ ବେଶେମେନାଃ ଚି ?

203.Do you feel decrease of your health ?

ତୁମ ସ୍ୱାସ୍ଥ୍ୟରେ ଅବନତି ଘଟିଛି କି ?

ଆପେୟାଃ ହକ୍ସ କମ୍ସାଓଆ କାନାଚି ?

204.What are causes of decrease of health ?

ସ୍ୱାସ୍ଥ୍ୟ ହାନୀର କାରଣ କ'ଣ ?

ହକ୍ସ ଖାରାପଃରେୟ କାରଣ୍ ଦକାନାଃ ?

205.What type of diseases are breaking out in your village ?

ତୁମ ଗ୍ରାମରେ କେଉଁ କେଉଁ ରୋଗ ବ୍ୟାପିଛି ?

ଆପେ ହାତୁରେ ଅକା ଅକା ରୋଗ୍ ପିନ୍ତାରାକାନା ?

206 What do you do when you suffer from disease ?

ରୋଗ ହେଲେ ତୁମେ କ'ଣ କର ?

ରୋଗ ହୋଇଯାନ୍‌ରେ ଆପେକାନାଃ ପେ ଚେକାୟା ?

207.How far is the hospital from your village ?

ତୁମ ଗ୍ରାମଠାରୁ ଡାକ୍ତରଖାନା କେତେ ଦୂର ?

ଆପେ ହାତୁଆ ତେୟାଦ୍ ଡ଼ାକ୍ତରଖାନା ଚିମିନୁଂ ସାଙ୍ଗିନ୍ ?

208.Do the doctors visit your village ?

ଡାକ୍ତରମାନେ ତୁମ ଗ୍ରାମକୁ ପରିଦର୍ଶନରେ ଆସନ୍ତି କି ?

ଡ଼ାକ୍ତରକଦ ଆପେ ହାତୁତେ ଦାଣା ବାଲାକ ହିଜୁଃ ତାନାଚି ?

209.Do they provide you medicines free of cost ?

ସେମାନେ ତୁମକୁ ମାଗଣାରେ ଔଷଧ ଯୋଗାଇ ଦିଅନ୍ତି କି ?

ଆକ ଆପେକେ ଆସେତେ ରାନୁକ ଅମାପେ ତାନାଚି ?

210.Do you have faith on elopathic medicine ?

ଡାକ୍ତରୀ ଔଷଧ ଉପରେ ତୁମର ବିଶ୍ୱାସ ଅଛି କି ?

ଡ଼ାକ୍ତର ରାନୁ ଚେତାନ୍‌ରେ ଆପେୟାଃ ବିଶ୍ୱାସ୍ ମେନାଃ ଚି ?

211.Have you much faith on herbal medicine ?

ଆୟୁର୍ବେଦିକ ଔଷଧ ଉପରେ ତୁମର ଅଧିକ ବିଶ୍ୱାସ ଅଛି କି ?

ରେଦ୍ ରାନୁ ଚେତାନ୍‌ରେ ଆପେୟାଃ ଢାଇକା ବିଶ୍ୱାସ୍ ମେନାଃଚି?

212.Do you recover fastly by taking herbal medicine ?

ଆୟୁର୍ବେଦିକ ଔଷଧବ୍ୟବହାର ଦ୍ୱାରା ତୁମେ ଶୀଘ୍ରଆରୋଗ୍ୟ ହୁଅକି ?

ରେଦ୍ ରାନୁ ବେଭାର ଦିଆଁତେ ଆପେ ସେକେଲାପେ ବୁଗି ତାନାଚି ?

213.Where do you collect the herbal medicine ?

ତୁମେ ଆୟୁର୍ବେଦିକ ଔଷଧ କେଉଁଠାରୁ ସଂଗ୍ରହ କର ?

ଆପେ ରେଦ୍ ରାନୁ ଅକା ତେୟାଦ୍ ଦାଣାନାମ୍ଯାଦା ?

214.Do you collect all the herbal medicines from the forest ?

ପ୍ରତ୍ୟେକ ଆୟୁର୍ବେଦିକ ଔଷଧ ତୁମେ ଜଙ୍ଗଲରୁ ସଂଗ୍ରହ କରକି ?

ଝତ ରେଦ୍ ରାନୁ ଆପେ ବିର୍ରା ତେୟାଦ୍‌ପେ ଦାଣାନାମ୍ ଯାଦାଚି?

215.Do you know anything about the origin of your community ?

ତୁମ ସଂପ୍ରଦାୟର ସୃଷ୍ଟି ବିଷୟରେ ତୁମେ କିଛି ଜାଣ କି ?

ଆପେ ଜାତିରେୟାଃ ସିର୍‌ଜନ୍ କାଜି ଆପେ ହୁଡ଼ିରେୟପେ ଇଟୁ ଆନାଚି ?

216.Have you a good relation with other communities ?

ତୁମର ଅନ୍ୟ ସଂମ୍ପ୍ରଦାୟ ସହିତ ଉତ୍ତମ ସମ୍ବନ୍ଧ ଅଛି କି ?

ଆପେ ଏଟା ଜାତି ଲଃତେ ବେଶ ସାଗାଇ ମେନାଃ ଚି ?

217.How does marriage occurs in your community ?

ତୁମ ସଂପ୍ରଦାୟରେ ବିବାହ କିପରି ହୁଏ ?

ଆପେ ଜାତିରେ ଆଣାଦ ଦ ଚିଲିକା ହୋୟୁଃତାନା ?

218.Is your pecuniary / financial condition well ?

ତୁମର ଆର୍ଥିକ ପରିସ୍ଥିତି ଭଲ ଅଛି କି ?

ଆପେୟାଃ କାଉଡ଼ିରେ ପରିଛିତି ବୁଗିଗେୟାଃଚି ?

219.How will be your financial condition well ?

କିଭଳି ଭାବରେ ତୁମର ଆର୍ଥିକ ପରିସ୍ଥିତି ଭଲ ରହିବ ?

ଚିଲିକାତେ ଆପେ କାଉଡ଼ି ପରିଛିତି ବୁଗି ଟାଇୟା ?

220.What can make your living style better?

କ'ଣ କଲେ ତୁମର ଚଳଣୀ ଭଲ ହୋଇପାରିବ ?

କାନାଃ କାମିଲେରେ ଆପେୟାଃ ଆସୁଲେନ୍‌ନାତେ ବୁଗି ହୋଇ ଧାଲିୟଆ ?

221.What can be done to sort out your problems?

ତୁମର ଅସୁବିଧା ସୁଧାରିବା ପାଇଁ କ'ଣ କରାଯାଇପାରେ ?

ଆପେୟାଃ ବୁଗି ଯୁଦା ନାଡେନ୍‌କାନା କାମି ହୋଇ ଧାଲିୟଆ ?

222.Who are more manivolent / harmful to you?

କେଉଁମାନେ ତୁମର ବେଶୀ କ୍ଷତିକାରକ ?

ଅକୟକାଦ ଆପେୟାଃ ଯୁଦା ଯେଦାକ ?

223.What injuries they cause to you?

ସେମାନେ ତୁମର କ'ଣ କ୍ଷତି କରୁଛନ୍ତି ?

ଆକ ଆପେୟାଃ କାନାଃକ ଯୁଦା ଯେଦା ?

224.What do you think to revenge / retaliate?

ତୁମେ କିଭଳି ପ୍ରତିଶୋଧ ନେବ ବୋଲି ଭାବୁଛ ?

ଆପେ ଅକାଲୋକାପେ ତିଙ୍ଗୁ ଯାଙ୍ଗିକଆ ମେନ୍ତେପେ ଉତୁଃଯାଦା ?

225.Who do love / like you much?

କେଉଁମାନେ ତୁମକୁ ବେଶୀ ଭଲ ପାଆନ୍ତି ?

ଅକୟକଦ ଆପେକେ ଉଡି ବେଶେକ ନାମପେୟାଃ ?

226.Why do they love you very much?

ସେମାନେ ତୁମକୁ କାହିଁକି ବେଶୀ ଭଲ ପାଆନ୍ତି ?

ଆକ ଆପେକେ ଚିୟାଃ ବେଶେକ ନାମ୍ ଯାଦ୍‌ପେୟା ?

227.Do you love them / each other?

ତୁମେ ସେମାନଙ୍କୁ ଭଲ ପାଅ କି ?

ଆପେ ଆକକେ ବେଶେପେ ନାମ୍ ଯାଦକଆଚି ?

228.Do not you like them very much ?

ତୁମେ ସେମାନଙ୍କୁ ବେଶୀ ଭଲ ପାଅ ନାହିଁ କି ?

ଆପେ ଆକକେ ଜାଇକା ବେଶେ କାପେନାମ୍ ଜାକଆଚି ?

229.Do they visit you seldom ?

ସମୟେ ସମୟେ ସେମାନେ ତୁମ ନିକଟକୁ ଆସନ୍ତି କି ?

ଡାଲାରେ ଡାଲାରେ ଆକ ଆପେତାଃକ ହିଜଃଗେୟାଚି ?

230.Do they ask you personally ?

ସେମାନେ ତୁମକୁ ବ୍ୟକ୍ତିଗତଭାବେ ପଚାରନ୍ତି କି ?

ଆକ ଆପେକେ ଏସ୍କାରରେକ କୁଲିପେୟାଚି ?

231.Who are exploiting you ?

କେଉଁମାନେ ତୁମକୁ ଶୋଷଣ କରୁଛନ୍ତି ?

ଅକୟଦ ଆପେକେ ହିଲିଇଦି ଜାଦ୍‌ପେୟାଃ ?

232.Why are they exploiting you ?

ସେମାନେ କାହିଁକି ତୁମକୁ ଶୋଷଣ କରୁଛନ୍ତି ?

ଆକ ଚିୟାଃ ଆପେକ ହିଲିଇଦି ଯାଦ୍‌ପେୟାଃ ?

233.How do they exploit you ?

କିଭଳି ଭାବରେ ସେମାନେ ତୁମକୁ ଶୋଷଣ କରୁଛନ୍ତି ?

ଅକାଲେକାଡେ ଆକ ଆପେକେକ ହିଲିଇଦି ଯାଦ୍‌ପେୟାଃ ?

234.What are the media they follow to exploit you ?

ସେମାନେ ତୁମକୁ ଶୋଷଣ କରିବାରେ କି ପ୍ରକାର ମାଧ୍ୟମ ଗ୍ରହଣ କରିଛନ୍ତି ?

ଆକ ଆପେକେ ହିଲିଇଦିରେୟା ଚିଲିକାଲେକା ହରାକ ସାବ୍‌ତାଦା?

235.What do you think to make yourselves free from exploitation ?

ତୁମେ କିଭଳି ଭାବରେ ଶୋଷଣମୁକ୍ତ ହୋଇପାରିବ ବୋଲି ଚିନ୍ତା କରୁଛ ?

ଆପେ ଅକାଲେକାରେ କାପେ ହିଲି ଇଚିନାମେନ୍ତେପେ ଉଡ୍ଡୁଃ ତାଦା ?

236.Have you ever struggled against the exploitors ?

ତୁମେ ଶୋଷଣକାରୀଙ୍କ ବିରୁଦ୍ଧରେ କେବେ ସଂଗ୍ରାମ କରିଛ କି ?

ଆପେ ହିଲିତାନ୍ ହଲଆ ବିରୁଧ୍‌ରେ ଅକାହୁଲାଂପେ ଲାଢାଇ ତାଦାଚି ?

237.Whom do you consider as a big officer ?

ତୁମେ କାହାକୁ ବଡ଼ ଅଫିସର / କର୍ମଚାରୀ ବୋଲି ଭାବୁଛ ?

ଆପେ ଅକକେ ମାରାଂ ଅଫିସର୍ / କାମିୟା ମେନ୍ତେପେ ଉଡ୍ଡୁଃଯାଦା?

238.Have you ever got a chance to see the big officer ?

ତୁମେ ସେହି ବଡ଼ଅଫିସରଙ୍କୁ କେବେ ଦେଖିବାର ସୁଯୋଗପାଇଛକି ?

ଆପେ ଏନ୍ ମାରାଂ ଅଫିସର୍‌କେ ଯେଦାହୁଲାଂ ଲେଲ୍‌ରେୟାଃ

ସୁଯୋଗପେନାମ୍ ତାଦାଚି ?

239.Does that big officer listen / understand your problems / sorrow ?

ସେହି ବଡ଼ ଅଫିସର ତୁମମାନଙ୍କର ଦୁଃଖ ବୁଝନ୍ତି କି ?

ଏନ୍ ମାରାଂ ଅଫିସର୍ ଆପେ ମାନକଆ ଦୁକୁଃ ଆୟମ୍ ଯାଦାଃଚି?

240.Does he attain you in time of need / sorrow ?

ଦୁଃଖ ସମୟରେ ସେ ତୁମ ନିକଟରେ ଆସି ପହଞ୍ଚନ୍ତି କି ?

ଦୁକୁ ସମାୟରେ ଆଏ ଆପେ ତାଃତେ ହିଃ ସେଟେର୍ ଗେୟାଚି?

241.Can he tolerate your sorrows ?

ସେ ତୁମର ଦୁଃଖ ସହ୍ୟ କରିପାରନ୍ତି କି ?

ଆଏ ଆପେୟାଃ ଦୁକୁ ଲେଲ୍ ସାମ୍ଭାଳାଉ ଧାଳିୟାଃ ଚ ?

242.To which Govt. officer do you like / love most ?

ତୁମେ କେଉଁ ସରକାରୀ କର୍ମଚାରୀଙ୍କୁ ଅଧିକ ଭଲ ପାଅ ?

ଆପେ ଅକ ସରକାର୍‌ କାମିୟାକେ ଯାଇକା ବେଶ୍‌ପେ ନାମ୍‌ ଯିଆ ?

243.Why do you like that officer very much ?

ତୁମେ ସେହି ସରକାରୀ କର୍ମଚାରୀଙ୍କୁ କାହିଁକି ବେଶୀ ଭଲ ପାଅ ?

ଆପେଏନ୍‌ ସରକାର୍‌ କାମିୟାକେ ଚିୟାଃ ବେଶପେ ନାମଯିଆ ?

244.Whom do you fear much ?

ତୁମେ କାହାକୁ ବେଶୀ ଡରିଥାଅ ?

ଆପେ ଅକୟକେ ଜାଇକାପେ ବରଆଇତାନା ?

245.Why are you afraid of them ?

ତୁମେ କାହିଁକି ସେମାନଙ୍କୁ ଡରିଥାଅ ?

ଆପେ ଚିୟାଃ ଆକକେପେ ବରଆକତାନା ?

246.Are you afraid of the Police officer ?

ତୁମେ ପୋଲିସ୍‌ କର୍ମଚାରୀଙ୍କୁ ଡ଼ର କି ?

ଆପେ ପୁଲିସ୍‌ କାମିୟାନିଃ କେପେ ବରଆଇ ଗେୟାଚି ?

247.Why are you afraid of the Police officer ?

ତୁମେ କାହିଁକି ପୋଲିସ୍‌ କର୍ମଚାରୀଙ୍କୁ ଭୟ କର ?

ଆପେ ଚିୟାଃ ପୁଲିସ୍‌ କାମିୟାନିଃ ପେ ବରଆଇତାନା ?

248.How far is the Police Station from your village ?

ତୁମ ଗ୍ରାମଠାରୁ ଥାନା କେତେ ଦୂର ?

ଆପେ ହାତୁଆ ତେୟାଦ୍‌ ଥାନା ଚିମିନୁଂ ସାଙ୍ଗିଞ୍ଜ ?

249.Has the Police officer ever come to your village ?

ପୋଲିସ୍‌ ଅଫିସର ତୁମ ଗ୍ରାମକୁ କେବେ ଆସିଛନ୍ତି କି ?

ପୁଲିସ୍‌ ଅଫିସର୍‌ ଆପେ ହାତୁତେ ଯେତାହୁଲାଂ ହିଜାକାନାଚି ?

250.Have you ever seen the policemen ?

ତୁମେ ପୋଲିସ ମାନଙ୍କୁ କେବେ ଦେଖିଛ କି ?

ଆପେ ପୁଲିସ୍ କକେ ଯେଦା ହୁଲାଂପେ ଲେଲ୍‌ତାଦ୍ କଆଚି ?

251.Is there any school in your village ?

ତୁମ ଗ୍ରାମରେ ବିଦ୍ୟାଳୟ ଅଛି କି ?

ଆପେ ହାତୁରେ ଆଶାଲା ମେନାଃ ଚି ?

252.How far is the school from your village ?

ତୁମ ଗ୍ରାମଠାରୁ କେତେ ଦୂରରେ ବିଦ୍ୟାଳୟ ଅଛି ?

ଆପେ ହାତୁଆ ତେୟାଦ୍ ଚିମିନ୍ ସାଙ୍ଗିନ୍‌ରେ ଆଶାଲା ମେନାଃ?

253.Is there any Sevasram Schoiol in your village or near your village ?

ତୁମ ଗ୍ରାମରେ / ଗ୍ରାମ ନିକଟରେ ସେବାଶ୍ରମ ଅଛି କି ?

ଆପେ ହାତୁରେ / ହାତୁ ଢାପାଃରେ ସେବାଶ୍ରମ ମେନାଃଚି ?

254.How far is the Sevasram from your village ?

ତୁମ ଗ୍ରାମଠାରୁ ସେବାଶ୍ରମ କେତେ ଦୂର ?

ଆପେ ହାତୁଆ ତେୟାଦ୍ ସେବାଶ୍ରମ ଚିମିନ୍ ସାଙ୍ଗିନ୍ ?

255.What is the name of that Sevasram ?

ସେହି ସେବାଶ୍ରମର ନାମ କ'ଣ ?

ଇନା ସେବାଶ୍ରମ୍‌ରେୟ ଲୁତୁମ୍‌କାନା ?

256.Are the children going to Sevasram School ?

ପିଲାମାନେ ସେବାଶ୍ରମ ବିଦ୍ୟାଳୟକୁ ଯାଉଛନ୍ତି କି ?

ହନ୍‌କଦ ସେବାଶ୍ରମ ଆଶାଲାକ ସେନଃ ତାନାଚି ?

257.Are the children going to school regularly ?

ପିଲାମାନେ ନିୟମିତ ବିଦ୍ୟାଳୟକୁ ଯାଉଛନ୍ତି କି ?

ହନ୍‌କଦ ସବେନ୍ ଦିନ୍ ଆଶାଲକ ସେନଃ ତାନାଚି ?

258.Whether the children reading attentively ?

ପିଲାମାନେ ମନଦେଇ ପଢୁଛନ୍ତି କି ?

ହନ୍‌କଦ ମନ୍ ଲାଗାଓ କାଡେକ ପଲାଓ ଡାନାଚି ?

259.Are the teachers coming to school regularly ?

ଶିକ୍ଷକମାନେ ନିୟମିତ ବିଦ୍ୟାଳୟକୁ ଆସୁଛନ୍ତି କି ?

ମାଚେଦ୍ କଦ ସବେନ୍ ଦିନ୍ ଆଶାଲାଡେକ ହିଜୁଃ ଡାନାଚି ?

260.Are they teaching well or not ?

ସେମାନେ ଠିକ୍ ଭାବରେ ପାଠ ପଢ଼ାଉଛନ୍ତି କି ନାହିଁ ?

ଆକ ଠିକ୍ ସାଏଁ ପାଠକ ପଲାଓ ଯାଦା କଆଚିକାଗେ ?

261.Is there any other Ashram School ?

ଆଉ ଅନ୍ୟ କୌଣସି ଆଶ୍ରମ ବିଦ୍ୟାଳୟ ଅଛି କି ?

ଅଡ଼ ଏଟା ଯେତାନ୍ ଆଶ୍ରମ୍ ଆଶାଲା ମେନାଃ ଚି ?

262.How far is the Ashram School from the village ?

ଆଶ୍ରମ ବିଦ୍ୟାଳୟ ଗ୍ରାମଠାରୁ କେତେ ଦୂର ?

ଆଶ୍ରମ୍ ଆଶାଲା ହାତୁଆ ତେୟାଦ୍ ଚିମିନ୍ ସାଙ୍ଗିନ୍ ?

263.Is the school providing text books to the children ?

ବିଦ୍ୟାଳୟ ପିଲାମାନଙ୍କୁ ପାଠ୍ୟପୁସ୍ତକ ଯୋଗାଉଛି କି ?

ଆଶାଲା ହଲକକେ ପଲାଓ ବହିକ ଅମାକ ଡାନାଚି ?

264.Is there provision of mid-day meal for the children or not ?

ସେମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଅଛି କି ନାହିଁ ?

ଆକ ନାତେନ୍ ଡିକିନ୍ ଇମେୟାରେୟାଃ ବ୍ୟବସ୍ଥା ମେନାଃ ଚିକାଗେ?

265.Are the tribal children provided with dresses ?

ଆଦିବାସୀ ପିଲାମାନଙ୍କୁ ପୋଷାକପତ୍ର ଯୋଗାଇ ଦିଆଯାଉଛି କି ?

ଆଦିବାସୀ ହନକ ନାତେନ୍ ସନଃ ପେଣ୍ଡକ ଅମାକ ଡାନାଚି ?

266.Is there any Govt. School here ?

ଏଠାରେ କୌଣସି ସରକାରୀ ବିଦ୍ୟାଳୟ ଅଛି କି ?

ନେରେ ଯେତାନ୍ ସରକାରୀ ଆଶାଲା ମେନାଃ ଚି ?

267.How far is the Govt. School from the village ?

ସରକାରୀ ବିଦ୍ୟାଳୟଟି ଗ୍ରାମଠାରୁ କେତେ ଦୂର ?

ସରକାରୀ ଆଶାଲା ହାତୁଆ ତେୟାଦ୍ ଚିମିନି ସାଙ୍ଗିନ୍ ?

268.Do you know how many teachers are there ?

ତୁମେ ଜାଣକି ସେଠାରେ କେତେ ଜଣ ଶିକ୍ଷକ ଅଛନ୍ତି ?

ଆପେ ଇତୁ ଆନାଚି ଏଣ୍ଡେ ଚିମିନୁ ମାଚେଦ୍ ମେନାଃ କଆ ?

269.Is there any non-formal education institution in your locality ?

ତୁମ ଅଞ୍ଚଳରେ ଅଣଆନୁଷ୍ଠାନିକ ଶିକ୍ଷାନୁଷ୍ଠାନ ଅଛି କି ?

ଆପେୟାଃ ଅଞ୍ଚଲ୍‌ରେ ଅଣ ଆନୁଷ୍ଠାନିକ୍ ଆଶାଲା ମେନାଃଚି ?

270.If yes, how far is it from the village ?

ଯଦି ହଁ, ତେବେ ଗ୍ରାମଠାରୁ ଏହା କେତେ ଦୂର ?

ଯୁଦି ହେ, ତବେ ହାତୁଆ ତେୟାଦ୍ ନିୟା ଚିମିନ୍ ସାଙ୍ଗିନ୍‌ରେ ?

271.Is non-formal education running well ?

ଅଣଆନୁଷ୍ଠାନିକ ଶିକ୍ଷା ଭଲ ଚାଲିଛି କି ?

ଅଣଆନୁଷ୍ଠାନିକ୍ ଶିକ୍ଷା ବୁଗିରେଗେ ସେନ୍ ତାଦାଃ ଚି ?

272.Is there any adult education centre ?

ସେଠାରେ ପ୍ରୌଢ଼ ଶିକ୍ଷାକେନ୍ଦ୍ର ଅଛି କି ?

ଏଣ୍ଡେ ପୌଢ ଶିକ୍ଷା ଠାଓଁ ମେନାଃ ଚି ?

273.Are the adults going to the centre ?

ପ୍ରୌଢ଼ମାନେ ସେହି କେନ୍ଦ୍ରକୁ ଯାଉଛନ୍ତି କି ?

ହାଳାମ୍ ହଳକ ଏଣ୍ଡେକ ସେନଃ ତାନାଚି ?

274.Is there District Primary Education Programme School in your locality?

ସେଠାରେ ଜିଲ୍ଲା ପ୍ରାଥମିକ ଶିକ୍ଷା ଯୋଜନା ବିଦ୍ୟାଳୟ ଅଛି କି ?

ଏଣ୍ଡେ ଜିଲ୍ଲା ପ୍ରାଥମିକ୍ ଶିକ୍ଷା ଯୋଜନାରେୟା ଆଶାଲା ମେନାଃ ଚି ?

275.How far is it from the village?

ଏହା ଗ୍ରାମଠାରୁ କେତେ ଦୂର ?

ନିୟା ହାତୁଆ ତେୟାଦ୍ ଚିମିନ୍ ସାଙ୍ଗିନ୍ ?

276.Is there any residential school here?

ଏଠାରେ କୌଣସି ଆବାସିକ ବିଦ୍ୟାଳୟ ଅଛି କି ?

ନେରେ ଯେତାନ୍ ଆବାସିକ ଆଶାଲା ମେନାଃ ଚି ?

277.Do you pay more importance / attention on boys' education?

ପୁଅମାନଙ୍କ ଶିକ୍ଷା ପାଇଁ ତୁମେ ଅଧିକ ଗୁରୁତ୍ୱ ଦେଉଛ କି ?

କଲାହନ୍ ଶିକ୍ଷା ନାତେନ୍ ଆପେ ଯାଇକ ଗୁରୁତ୍ୱପେ ଆମ୍ ଯାଦା ଚି ?

278.Why do you pay more attention for them?

ତୁମେ କାହିଁକି ସେମାନଙ୍କ ପାଇଁ ଅଧିକ ଗୁରୁତ୍ୱ ଦେଉଛ ?

ଆପେ ଚିୟାଃ ଆକକେ ନାତେନ୍ ଯାଇକା ଗୁରୁତ୍ୱପେ ଆମ୍ ଯାଦା ?

279.Do you pay more importance / attention on girls' education?

ଝିଅମାନଙ୍କ ଶିକ୍ଷା ପାଇଁ ତୁମେ ଅଧିକ ଗୁରୁତ୍ୱ ଦେଉଛ କି ?

କୁଳିହନ୍‌କ ଶିଜଲ୍ ନାତେନ୍ ଯାଇକା ଗୁରୁତ୍ୱପେ ଅମ୍ ଯାଦାଚି ?

280.If not, why are not you paying more importance / attention?

ଯଦି ନୁହେଁ, ତେବେ ତୁମେ କାହିଁକି ଅଧିକ ଗୁରୁତ୍ୱ ଦେଉନାହଁ ?

ଯୁଦି କାଗେ, ତବେ ଆପେ ଚିୟାଃ ଯାଇକା ଗୁରୁତ୍ୱପେ କାପେ ଅମ୍‌ଯାଦା ?

281.Are the children going to school regularly ?

ପିଲାମାନେ ନିୟମିତ ବିଦ୍ୟାଳୟକୁ ଯାଉନାହାନ୍ତି କି ?

ହନ୍‌କଦ ସମାୟରେ ଆଶାଲାତେକ କାକ ସେନଃ ତାନାଚି ?

282.Why not the children going to school ?

କାହିଁକି ପିଲାମାନେ ବିଦ୍ୟାଳୟକୁ ଯାଉନାହାନ୍ତି ?

ଚିୟାଃ ହନ୍‌କଦ ଆଶାଲାତେ କାକ ସେନଃତାନା ?

283.Is not the teaching satisfactory for the children ?

ବିଦ୍ୟାଳୟରେ ପିଲାମାନଙ୍କ ପାଇଁ ଶିକ୍ଷାଦାନ ସନ୍ତୋଷଜନକ ହେଉନାହିଁ କି ?

ଆଶାଲାରେ ହନ୍‌କଦ ନାତେନ୍ ଶିକ୍ଷାଦାନ୍ ସାପୁରୁମ୍ ନାତେନ୍ କା ହୋୟୁତାନା ଚିୟାଃ?

284.Is there any mistake behind teaching ?

ଶିକ୍ଷାଦାନ ପଛରେ ଅନ୍ୟ କୌଣସି ତ୍ରୁଟି ରହୁଛି କି ?

ଶିକ୍ଷାଦାନ୍ ତାୟରେ ଏଟା ଯେତାନ୍ ଗାଲ୍‌ତି ମେନାଃ ଚି ?

285.Is not the method of teaching easy for the children ?

ପିଲାମାନଙ୍କ ପାଇଁ ଶିକ୍ଷାଦାନ ପ୍ରଣାଳୀ ସହଜ ହେଉନାହିଁ ?

ହନ୍‌କ ନାତେନ୍ ଶିକ୍ଷାଦାନ ପ୍ରଣାଳୀ ସହଜ୍ କା ହୋୟୁ ତାନାଚି?

286.Don't the children follow the method of teaching ?

ପିଲାମାନେ ଶିକ୍ଷାଦାନ ଶୈଳୀକୁ ବୁଝିପାରୁନାହାନ୍ତି କି ?

ହନ୍‌କଦ ଶିକ୍ଷାଦାନ୍ ଶୈଳୀଦ କାକ ବୁଝାତିଂ ତାନାଚି ?

287.Is the teaching language difficult to understand ?

ଶିକ୍ଷାଦାନର ଭାଷା ବୁଝିବା ପାଇଁ କଷ୍ଟ ହେଉଛି କି ?

ଶିକ୍ଷାଦାନ୍‌ରେ ଜାଗାର୍ ବୁଜାତିଂ ନାତେନ୍ କଷ୍ଟ ତାନାକଚି ?

288.What methods can be adopted for better teaching ?

ଭଲପାଠପଢ଼ାପାଇଁ କି ପ୍ରକାର ପଦ୍ଧତି ଅବଲମ୍ବନ କରିବାକୁ ପଡ଼ିବ ?

ବେଶେ ଅଲ୍‌ନାଡେନ୍ କାନାଃ ଲେକାନ୍ କାମିହର ଇଦିତେ ହୟୁଆ?

289.What is to be done for absent students ?

ଅନୁପସ୍ଥିତ ପିଲାଙ୍କ ପାଇଁ କ'ଣ କରିବାକୁ ପଡ଼ିବ ?

କାକ ହିଜୁଃତାନ୍ ହନକ ନାଡେନ୍ କାନା କାମିତେ ହୟୁଆ ?

290.What steps have the Govt. taken in this regard ?

ଏ ଦିଗରେ ସରକାର କେଉଁ ପ୍ରକାର ପଦକ୍ଷେପ ନେଉଛନ୍ତି ?

ଏନ୍ ସାଇରେ ସରକାର୍ ଅକାଲେକାନ୍ କାମିହରକ ଇଦିୟାଦା ?

291.Are there any Self Help Groups working in your locality ?

ତୁମ ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି କି ?

ଆପେ ଅଞ୍ଚଲ୍‌ରେ ସ୍ୱୟଂ ସହାୟକ ଗୋଷ୍ଠୀ କାମିତାନା କଚି ?

292.How many Self Help Groups are there ?

କେତୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି ?

ଚିମିନୁଂ ସ୍ୱୟଂ ସହାୟକ ଗୋଷ୍ଠୀ ମେନାଃ କଆ ?

293.What is the role of Self Help Groups ?

ସେହି ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା କ'ଣ ?

ଏନ୍ ସ୍ୱୟଂ ସହାୟକ ଗୋଷ୍ଠୀରେୟ କାମିଦକାନାଃ ?

294.Which works have they carried out in your area ?

କେଉଁ କେଉଁ କାର୍ଯ୍ୟ ସେମାନେ ତୁମ ଅଞ୍ଚଳରେ କରିଛନ୍ତି ?

ଅକା ଅକା କାମିଆକ ଆପେ ଅଞ୍ଚଳରେକ କାମିୟାଦା ?

295.Which new projects they have undertaken ?

କେଉଁ ନୂତନ ଯୋଜନାମାନ ସେମାନେ ନିଜ ହାତକୁ ନେଇଛନ୍ତି ?

ଅକା ନାୱା ଯୋଜନାକ ଆକ ନିଛତିଇତେକ ଇଦିୟାଦା ?

296.Which new programmes to carry out they have decided ?

ଆଉ କେଉଁ ନୂତନ କାର୍ଯ୍ୟକ୍ରମ କରିବେ ବୋଲି ସେମାନେ ସ୍ଥିର କରିଛନ୍ତି ?

ଅଡ଼ଃ ଅକା ନାଓ୍ୱା କାମିହର କାମିୟାକ ମେନ୍ତେ ଆକଲ ଠିକି ତାଦା ?

297.What work can make you satisfy / please ?

କେଉଁ କାର୍ଯ୍ୟକ୍ରମ କରିଲେ ତୁମେ ଖୁସି ହେବ ?

ଅକା କାମିହରାକ କାମିକେରେ ଆପେପେ ରାସିକାଓ୍ୱା ?

298.Do you think which programme can satisfy you more ?

କେଉଁ କାର୍ଯ୍ୟକ୍ରମ ତୁମକୁ ଅଧିକ ଖୁସି ପ୍ରଦାନ କରିବା ବୋଲି ତୁମେ ଭାବୁଛ ?

ଅକା କାମିହରା ଆପେକେ ରାସିକା ଅମାପେୟା ମେନ୍ତେପେ ଉଡୁଯାଦା ?

299.What will happen if the women take part in different developmental activities ?

ଯଦି ସ୍ତ୍ରୀ ଲୋକମାନେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଯୋଗ ଦିଅନ୍ତି କ'ଣ ହେବ ?

ୟୁଦି କୁଳିହନ୍ ଝତଲେକାନ୍ ରାନାକାବ୍ କାମିରେ କ ମେଶାନାକାନା ହୋୟୁଆ ?

300.Will there be any problem behind it ?

ଏହା ପଛରେ କିଛି ଅସୁବିଧା ପରିଲକ୍ଷିତ ହେବ କି ?

ନିୟା ତାୟମ୍‌ରେ ଯେତାଃ ଏଟ୍‌କେ ଟଣେ ଲେ ଠର ଆବି ?

301.What is the name of the greatest festival ?

ସବୁଠାରୁ ବଡ଼ ପର୍ବର ନାମ କ'ଣ ?

ଝତଆ ତେୟାଦ୍ ମାରାଂ ପରବ୍‌ରେୟାଃ ଲୁତୁମ୍‌କାନାଃ ?

302.Do you know the names of the twelve months ?

ତୁମେ ବାର ମାସର ନାମ ଜାଣ କି ?

ଆମ୍ ବାରମାସ୍‌ରେୟାଃ ଲୁତୁମ୍‌ମେମ୍ ଇତୁଆନାଚି ?

303.Do you know the names of the festivals according to the months ?

ତୁମେ ମାସ ଅନୁସାରେ ପର୍ବପର୍ବାଣୀର ନାମ ଜାଣ କି ?

ଆମ୍ ମାସ୍ ଲେକାତେ ପରବ୍‌ରେୟାଃ ଲୁତୁମ୍‌ମେମ୍ ଇତୁଆ ନାଚି?

304.Which festival do you observe in summer ?

ତୁମେ ଗ୍ରୀଷ୍ମଋତୁରେ କେଉଁ ପର୍ବପର୍ବାଣୀ ପାଳନ କର ?

ଆପେ ଜେଟେସିଙ୍ଗିଂ ଅକା ପରବ୍ ପେ ମାନାତିଂତାନା ?

305.Which festival do you observe in winter ?

ତୁମେ ଶୀତ ଋତୁରେ କେଉଁ କେଉଁ ପର୍ବ ପାଳନ କର ?

ଆପେ ରାବାଂଦିନ୍ ଅକା ଅକା ପରବ୍‌ପେ ମାନାତିଂତାନା ?

306.Which festival do you observe in rainy season ?

ବର୍ଷା ଋତୁରେ ତୁମେମାନେ କେଉଁ ପର୍ବପର୍ବାଣୀ ପାଳନ କର ?

ଜାପୁଦ୍ ଦିନ୍‌ରେ ଆପେକଦ ଅକା ପରବ୍‌ପେ ମାନାତିଂ ତାନା ?

307.In which month do you start sowing seeds ?

କେଉଁ ମାସରେ ତୁମେ ଶସ୍ୟ ବୁଣିବା କାର୍ଯ୍ୟ ଆରମ୍ଭ କର ?

ଅକା ମାସ୍‌ରେ ଆପେ ବାବା ହେର୍ କାମିପେ ଏଟେଃ ଯାଦା ?

308.In which month does the marriage occurs ?

କେଉଁ ମାସରେ ବିବାହ ହୋଇଥାଏ ?

ଅକା ମାସ୍‌ରେ ଆଡାଦି ହୋୟୁଃ ତାନା ?

309.In which festival do you worship your ancestors ?

କେଉଁ ପର୍ବପର୍ବାଣୀରେ ତୁମେ ପୂର୍ବପୁରୁଷଙ୍କୁ ଆରାଧନା କର ?

ଅକା ପରବ୍‌ରେ ଆପେ ହାପାଳାମ୍ କପେ ବଙ୍ଗାକତାନା ?

310.Do you know the seven days of the week ?

ତୁମେ ସପ୍ତାହର ସାତ ଦିନର ନାମ ଜାଣ କି ?

ଆମ୍ ସପ୍ତାହରେ ସାତ୍‌ଦିନ୍ ମେନ୍ତେମ୍ ଇତୁ ଆନାଚି ?

311.When does dance take place in your village?

କେଉଁ ସମୟରେ ତୁମ ଗାଁରେ ନାଚ ହୁଏ ?

ଅକା ସମାୟରେ ଆପେ ହାତୁରେ ସମୁଂ ହୋୟୁଆ ?

312.When do the people better food?

କେଉଁ ସମୟରେ ଲୋକେ ଭଲ ଖିଆପିଆ କରନ୍ତି ?

ଅକା ସମାୟରେ ହଲ ବେଶ୍‌ରେକ ଜମ୍‌ନୁୟାକ ?

313.When do you feel much difficult?

ତୁମେ କେତେବେଳେ ବେଶୀ କଷ୍ଟ ଅନୁଭବ କର ?

ଆପେ ଅକା ସମାୟରେ ଜାଇକା କଷ୍ଟପେ ଠରରେୟା ?

314.Which is the most wanted period?

କେଉଁ ସମୟଟି ବିଶେଷତଃ ଅଭାବ ସମୟ ?

ଅକା ସମୟଦ ଜାଇକା ରେଙ୍ଗେଃ ସମୟ ?

315.Why scarce occur in those days?

ସେହି ସମୟରେ ବେଶୀ ଅଭାବ କାହିଁକି ହୋଇଥାଏ ?

ଇନା ସମୟରେ ଜାଇକା ରେଙ୍ଗେଃ ଚିୟାଃ ହୋୟୁଆ ?

316.How does the forest help us?

ଜଙ୍ଗଲ ଆମକୁ କେଉଁ ପ୍ରକାର ସାହାଯ୍ୟ କରିଥାଏ ?

ବିର୍ ଆବୁକେ ଅକା ଲେକାନ୍ ଦେଙ୍ଗାଃ ଅମାବୁନତାନା ?

317.Why is the quantity of the forest decreasing day-by-day?

ଜଙ୍ଗଲ ପରିମାଣ ଆସ୍ତେ ଆସ୍ତେ କାହିଁକି କମିବାରେ ଲାଗିଛି ?

ବିର୍‌କଦ ମାଣିମାଣିତେ ଚିୟାଃ କମଃତାନା ?

318.What should be done for afforestation?

ପୁନର୍ବାର ଜଙ୍ଗଲ ସୃଷ୍ଟି ପାଇଁ କ'ଣ କରିବା ଦରକାର ?

ଅଡଃମଶା ବିରବାଇ ଯତେନ୍‌କାନାଃ କାମିତେ ହୋୟୁଆ ?

319.Do you feel that you are the child of the nature or not ?

ତୁମେ ପ୍ରକୃତିର ସନ୍ତାନ ବୋଲି ଭାବୁଛ ନା ନାହିଁ ?

ଆପେ ସିରଜନରେନ୍ ହନମେନ୍ତେ ଉଡୁଃତାନା ପେଚିକାଗେ ?

320.Have you deep faith upon the ancestors ?

ତୁମେ ପୂର୍ବପୁରୁଷଙ୍କ ଉପରେ ଦୃଢ଼ ବିଶ୍ୱାସ କର କି ?

ଆପେ ହାପାଲୁମ୍‌କ ଚେତାନ୍‌ରେ ମାରାଂ ମାନାତିଂ ଯାକଆ ପେଚି

321.Do you think that the ancestors help you in danger ?

ବିପଦ ସମୟରେ ପୂର୍ବପୁରୁଷମାନେ ତୁମକୁ ସାହାଯ୍ୟ କରନ୍ତି ବୋଲି ଭାବୁଛ କି ?

ହୁକୁ ସମାୟରେ ହାପାଲୁମ୍‌କ ଆପେକ ଦେଙ୍ଗା ପେୟାମେନ୍ତେପେ ଉଡୁଃ ଯାଦାଚି ?

322.Do the ancestors get satisfaction in your worship ?

ପୂର୍ବପୁରୁଷମାନେ ତୁମ ପୂଜାରେ ସନ୍ତୋଷ ଲାଭ କରନ୍ତି କି ?

ହାପାଲୁମ୍‌କ ଆପେୟାଃ ବଙ୍ଗାରେ ରାସିକା ଆକଚି ?

323.Do you observe death anniversaries of your ancestors ?

ତୁମେ ପୂର୍ବପୁରୁଷମାନଙ୍କ ଶ୍ରାଦ୍ଧ ଦିବସ ପାଳନ କର କି ?

ଆପେ ହାପାଲୁମ୍‌କକେ ଶ୍ରାଦ୍ଧଦିନ୍‌ପେ ମାନାତିଂ କଆଚି ?

324.How do you worship them death anniversaries ?

ଶ୍ରାଦ୍ଧ ଦିବସରେ ତୁମେ କିପରି ପୂଜା କର ?

ଶ୍ରାଦ୍ଧ ଦିନ୍‌ରେ ଆପେ ଚିଲିକାପେ ବଙ୍ଗା ଯାଦା ?

325.Which God and Goddess are benevolent to you ?

କେଉଁ ଦେବାଦେବୀ ତୁମର ଉପକାର କରିଥାନ୍ତି ?

ଅକ ବଙ୍ଗାବୁରୁ ଆପେକ ଉପକାର ଯାଦ୍‌ପେୟା ?

326.Which God and Goddess are monivolent to you ?

କେଉଁ ଦେବାଦେବୀ ତୁମର ଅପକାର କରିଥାନ୍ତି ?

ଅକ ବଙ୍ଗାବୁରୁ ଆପେ କାକ ଉପକାର୍ ଯାଦ୍‌ପେୟା ?

327.Do you believe in sorcery ?

ତୁମେ ଗୁଣୀଗାରେଡ଼ି ଉପରେ ବିଶ୍ୱାସ କର କି ?

ଆପେ ଦେଓଣାକ ଚେତାନ୍‌ରେ ମାନାତିଂ ମେନାଃ ଚି ?

328. What kind of idea do you have on sorcerer ?

ଗୁଣୀଗାରେଡ଼ି କରୁଥିବା ଲୋକମାନଙ୍କ ଉପରେ ତୁମର କି ପ୍ରକାର ଧାରଣା ଥାଏ ?

ଦେଓଣାତାନ୍ ହଲକ ଚେତାନ୍‌ରେ ଆପେୟାଃ ଅକା ଲେକାନ୍ ଧାରଣା ତାଇନ୍ ତାନା ?

329.Do the sorcerers help others ?

ଗୁଣୀଗାରେଡ଼ି କରୁଥିବା ଲୋକମାନେ ଅନ୍ୟର ଉପକାର କରନ୍ତିକି ?

ଦେଓଣାତାନ୍ ହଲକ ଏଟା ହଲକକେ ଉପକାର୍ ଯାଦ୍ କଆଚି ?

330.Do the sorcesers show miracles ?

ଗୁଣୀଗାରେଡ଼ି କରୁଥିବା ଲୋକମାନେ ଅଲୌକିକ କାର୍ଯ୍ୟ ଦେଖାନ୍ତି କି ?

ଦେଓଣାତାନ୍ ହଲକଦ ମାସ୍‌କାଲ୍ ଲେକାନ୍ କାମିକ ଦେଖାଓୟାଚି?

331.Do they cause harm to the people ?

ସେମାନେ ଲୋକମାନଙ୍କର ଅପକାର କରିଥାନ୍ତି କି ?

ଆକ ହଲକ କେ ଉପକାର୍ ଯାଦକଆ କଚି ?

332.Do they frighten the people ?

ଲୋକମାନଙ୍କୁ ସେମାନେ ଭୟ ଦେଖାଇଥାନ୍ତି କି ?

ହଲକକେ ଆକ ବର ଇଚିଯାଦ୍ କଆ କଚି ?

333.Do you think that sorcerers are "goodmen" ?

ଗୁଣୀଗାରେଡ଼ି କରୁଥିବା ଲୋକମାନଙ୍କୁ ତୁମେ ଭଲଲୋକ ବୋଲି ଭାବୁଛ କି ?

ଦେଓ୍ଵଣାତାନ୍ ହଳକକେ ଆପେ ବେଶ୍ ହଳ ମେନ୍ତେପେ ଉଡୁଃ ଯାଦ୍ କଆଚି ?

334.Do you know the name of different kinds of food ?

ତୁମେ ବିଭିନ୍ନ ପ୍ରକାର ଖାଦ୍ୟର ନାମ ଜାଣ କି ?

ଆପେ ଇସୁତାନ୍ ଜମେୟାଃରେୟାଃ ଲୁତୁମ୍ ପେ ଇତୁଆନାଚି ?

335.Do you the names of different types of drinks ?

ତୁମେ ବିଭିନ୍ନ ପ୍ରକାର ପାନୀୟର ନାମ ଜାଣ କି ?

ଆପେ ଇସୁତାନ୍ ନୁୟାଃରେୟାଃ ଲୁତୁମ୍ ପେ ଇତୁ ଆନାଚି ?

336.How do you prepare wine ?

ତୁମେ କିପରି ମଦ ତିଆରି କର ?

ଆପେ ଅକ ଲେକାତେ ଆର୍କି ପେ ବାଇଯାଦା ?

337.How do you prepare beer ?

ତୁମେ କିପରି ହାଣ୍ଡିଆ ପ୍ରସ୍ତୁତ କର ?

ଆପେ ଅକ ଲେକାତେ ଇଲିପେ ବାଇଯାଦା ?

338.What are the objects you use for cooking ?

ତୁମେ ରୋଷେଇ ପାଇଁ କି କି ଉପକରଣ ବ୍ୟବହାର କର ?

ଆପେ ତିକିନାତେ କାନାଃ କାନାଃ ସଜପେ ବେଭାର ଯାଦା ?

339.Which utensils do you use in taking meals ?

ତୁମେ ଖାଦ୍ୟ ଖାଇବା ପାଇଁ କେଉଁ ପାତ୍ର ବ୍ୟବହାର କର ?

ଆପେ ଜମେୟାଃ ଜମ୍ ନାତେନ୍ କାନାଃ କାନାଃ ଦୁବାପେ ବେଭାର ଯାଦା ?

340.What do you use for cooking wine ?

ତୁମେ ମଦ ରାନ୍ଧିବା ପାଇଁ କ'ଣ ବ୍ୟବହାର କର ?

ଆପେ ଆର୍‌କି ତିକିନାତେ କାନାଃପେ ବେଭାର ଯାଦା ?

341.What do you use for fishing ?

ତୁମେ ମାଛ ଧରିବା ପାଇଁ କ'ଣ ବ୍ୟବହାର କର ?

ଆପେ ହାଇସାବ୍ ନାତେନ୍ କାନାଃ ପେ ବେଭାରଯାଦା ?

342.Do females like to wear ornaments ?

ମହିଳାମାନେ ଅଳଙ୍କାର ପରିଧାନ କରିବାକୁ ଭଲ ପାଆନ୍ତି କି ?

କୁଲିହନ୍ ତୁସିଂସାପାବ୍ ନାତେନ୍ ବେଶ୍ କ ଠର୍ ରେୟାଚି ?

343.What types of ornaments do they wear ?

ସେମାନେ କେଉଁ କେଉଁ ଅଳଙ୍କାର ପିନ୍ଧିଥାନ୍ତି ?

ଆକ ଅକା ଅକା ତୁସିଂ ସାପାବ୍ କ ତୁସିଂ ଯାଦା ?

344.What is called the wearing saree of the women ?

ସ୍ତ୍ରୀ ଲୋକମାନଙ୍କର ପିନ୍ଧିବା ଲୁଗାକୁ କ'ଣ କହନ୍ତି ?

କୁଲିହନ ତୁସିଂ ଯାଦ୍ କିଚିରିଂ ଦ କାନାଃ ପେ ମେନେୟା ?

345.Do they weave that saree themselves ?

ସେମାନେ ସେହି ଲୁଗା ନିଜେ ବୁଣିଥାନ୍ତି କି ?

ଆକ ଇନା କିଚିରିଃ ନିଜେଗେକ ଗାଲାଂ ଯାଦାଚି ?

346.Do you draw pictures on your walls ?

ତୁମେ ତୁମ ଘରର କାନ୍ଥରେ ଚିତ୍ରମାନ ଅଙ୍କନ କର କି ?

ଆପେ ଆପେୟାଃ ଅଳା କାଁତାରେ ବାଆ କପେ ବାଇ ଯାଦାଚି?

347.What types of pictures do you draw on your wall ?

ତୁମେ ତୁମ କାନ୍ଥରେ କେଉଁ ପ୍ରକାର ଚିତ୍ରମାନ ଅଙ୍କନ କର ?

ଆପେ ଆପେୟାଃ କାଁତାରେ ଅକା ଲେକାନ୍ କପେ ବାଇଯାଦା?

348.What is the name of your best friend ?

ତୁମର ପ୍ରିୟ ସାଙ୍ଗର ନାମ କ'ଣ ?

ଆମାଃ ଉତି ଆପନାର ସୁଙ୍ଗୁତିୟାଃ ଲୁତୁମଦ କାନା ?

349.What is the name of his village ?

ତାଙ୍କ ଗାଁର ନାମ କ'ଣ ?

ଆକ ହାତୁରେୟାଃ ଲୁତୁମ୍ କାନା ?

350.Have you put forth any demand before the Govt. ?

ସରକାରଙ୍କ ସମ୍ମୁଖରେ ତୁମେ କିଛି ଦାବୀ ଉପସ୍ଥାପନ କରିଛ କି ?

ସରକାରାଃ ମାଣାରେ ଆପେ ଯେତାନାଃ ଦାବି ପେ ଢାଗାର୍ ସାଡ଼ି ଯାଦାଚି ?

351.What do you get from the forest in summer ?

ତୁମେ ଗ୍ରୀଷ୍ମଦିନେ ଜଙ୍ଗଲରୁ କ'ଣ ପାଅ ?

ଆପେ ଜେଟେ୍ସିଙ୍ଗି ବିରା ତେୟାଦ୍ କାନାଃ ପେ ନାମ୍ଯାଦା ?

352.Do you collect sal leaves from the jungle ?

ତୁମେ ଜଙ୍ଗଲରୁ ଶାଳ ପତ୍ର ସଂଗ୍ରହ କର କି ?

ଆପେ ବିରାତେୟାଦ୍ ସାରଜମ୍ ସାକାମ୍ ପେ ଆଉଯାଦାଚି ?

353.Do you take herbal medicine for fever ?

ଜ୍ୱର ହେଲେ ତୁମେ ଆୟୁର୍ବେଦିକ ଔଷଧ ସେବନ କର କି ?

ହାସୁ ଯାନ୍‌ରେ ଆପେରେଦ୍ ରାନୁପେ ଜମେୟାଚି ?

354.Which flowers do you collect from the jungle ?

ଜଙ୍ଗଲରୁ ତୁମେ କେଉଁ କେଉଁ ଫୁଲ ସଂଗ୍ରହ କର ?

ବିରା ତେୟାଦ୍ ଆପେ ଅକା ଅକା ବାଆପେ ଆଗୁ ଯାଦା ?

355.Do you bring honey from the jungle ?

ଜଙ୍ଗଲରୁ ତୁମେ ମହୁ ଆଣ କି ?

ବିରାତେୟାଦ୍ ଆପେ ମହୁପେ ଆଉ ଯାଦାଚି ?

356.Which fruits and roots do you collect from the jungle ?

ତୁମେ ଜଙ୍ଗଲରୁ କେଉଁ ଫଳମୂଳ ସଂଗ୍ରହ କର ?

ଆପେ ବିରାତେୟାଦ୍ ଜଅଜାଂପେ ଆଗୁ ଯାଦାଚି ?

357.What type of fibre-objects do you collect from the jungle ?

ତୁମେ କେଉଁ କେଉଁ ତନ୍ତୁଜାତୀୟ ପଦାର୍ଥ ଜଙ୍ଗଲରୁ ସଂଗ୍ରହ କର ?

ଆପେ ଅକା ଅକା ସୁତାମ୍ ଲେକାନ୍ ଜିନିଷ୍ ବିରା ତେୟଦ୍ ପେ ଆଗୁଯାଦା ?

358.What do you make from the fibres ?

ତନ୍ତୁଜାତୀୟ ପଦାର୍ଥରୁ ତୁମେ କ'ଣ କ'ଣ ତିଆରି କର ?

ସୁତାମ୍ ଲେକାନ୍ ଜିନିଷ୍ ତେୟାଦ୍‌କାନାଃ କାନାଃ ପେ ବାଇଯାଦା ?

359.Do you collect Mohua flower from the forest ?

ତୁମେ ଜଙ୍ଗଲରୁ ମହୁଲ ସଂଗ୍ରହ କର କି ?

ଆପେ ବିରାତେୟାଦ୍ ମାତୁକାମ୍ ପେ ଆଗୁ ଯାଦାଚି ?

360.Do you make only wine from the Mohua flower ?

ତୁମେମାନେ ମହୁଲରୁ କେବଳ ମଦ ତିଆରି କର କି ?

ଆପେକଦ ମାତୁକାମ୍ ତେୟାଦ୍ ଆର୍‌କି ପେ ବାଇ ଯାଦାଚି ?

361.Do you get more forest produces from the jungle ?

ତୁମେ ଜଙ୍ଗଲରୁ ଅଧିକ ବନଜାତ ଦ୍ରବ୍ୟ ପାଉଛ କି ?

ଆପେ ବିରାତେୟାଦ୍ ସାଙ୍ଗି ବିର୍ ତେୟାର୍ ଜିନିଷ୍‌ପେ ନାମ ଯାଦାଚି ?

362.If not, what are its causes ?

ଯଦି ନୁହେଁ, ତାହେଲେ ଏହାର କାରଣ କ'ଣ। ?

ଯୁଦି କାଗେ, ତବେ ନିୟାରେୟାଃ କାରନ୍ ଦ କାନାଃ ?

363. Do you collect oil seed from the forest ?

ଜଙ୍ଗଲରୁ ତୁମେ ତୈଳବୀଜ ସଂଗ୍ରହ କର କି ?

ବିରାତେୟାଦ୍ ଆପେ ସୁନୁମ୍ ଜାଂପେ ଆଗୁ ଯାଦାଚି ?

364.What type of oil seed do you collect from the jungle ?

ତୁମେ କେଉଁ ପ୍ରକାର ତୈଳବୀଜ ଜଙ୍ଗଲରୁ ସଂଗ୍ରହ କର ?

ଆପେ ଅକା ଲେକାନ୍ ସୁନୁମ୍ ଜାଂ ବିରାତେୟାପେ ଆଗୁ ଯାଦା?

365.Which oil seed do you get much from the forest ?

ଜଙ୍ଗଲରୁ ତୁମେ କେଉଁ ତୈଳବୀଜ ଅଧିକ ପାଇଥାଅ ?

ବିରାତେୟାଦ୍ ଆପେ ଅକା ସୁନୁମ୍ ଜାଂ ସାଙ୍ଗିପେ ନାମ୍‌ଯାଦା ?

366.Do you go to the forest with your dog ?

ତୁମେ ଜଙ୍ଗଲକୁ ଗଲାବେଳେ କୁକୁରକୁ ସାଥିରେ ନେଇ ଯାଅ କି ?

ଆପେ ବିର୍‌ପେ ସେନଃତାନ୍ ସମାୟରେ ସେତା ସଙ୍ଗେରେଗେ ଇଦି ଧାର ଆଇ ତାନାଚି ?

367.Do you hunt the animals only ?

ତୁମେ କେବଳ ପଶୁ ଶୀକାର କର କି ?

ଆପେଦ ଏଖେନ୍ ଜିଲୁ ଗେପେ ସେନ୍ଦେରା ଯାଦ୍ କଆଚି ?

368.What do you do after hunting ?

ଶୀକାର ପରେ ତୁମେ କ'ଣ କର ?

ସେନ୍ଦେରା ତାୟମ୍ ଆପେ କାନାପେ ଚେକାୟା ?

369.Do you distribute the meat among the neighbours ?

ପଡୋଶୀ ମାନଙ୍କ ମଧ୍ୟରେ ତୁମେ ମାଂସ ବଣ୍ଟନ କର କି ?

ପଳିଶାକ ଲଃତେ ଆପେ ଜିଲୁପେ ହାଟି ଯାଦାଚି ?

370.Do you eat together in your family ?

ପରିବାରରେ ସମସ୍ତେ ମିଳିମିଶି ଭୋଜନ କର କି ?

ହନ୍‌ଗାଣା ଝହେଲ ମେଣାକାତେ ପେ ଜମ୍ ଯାଦାଚି ?

371.Do you do other cultivation except shifting cultivation ?

ପୋଡୁଚାଷ ବ୍ୟତୀତ ତୁମେ ଜଙ୍ଗଲରେ ଅନ୍ୟ ଚାଷ କର କି ?

ଗଡ଼ା ଚାଷ ବେଗର୍ ଆପେ ବିର୍‌ରେ ଏଟାଗାଃ ପେ ଚାଷ ଯାଦାଚି?

372. Do you get all things from the jungle ?

ତୁମେ ଜଙ୍ଗଲରୁ ପ୍ରତ୍ୟେକ ଜିନିଷ ପାଅ କି ?

ଆପେ ବିରା ତେୟାଦ୍ ଝତ ଜିନିଷ୍‌ନେ ନାମ୍ ଯାଦାଚି ?

373.Do you completly depend on the forest for living ?

ତୁମେ ବଞ୍ଚିବା ପାଇଁ ଜଙ୍ଗଲ ଉପରେ ସଂପୂର୍ଣ୍ଣ ନିର୍ଭର କର କି ?

ଆପେ ବାଞ୍ଚାଓ ନାତେନ୍ ବିର୍ ଚେତାନ୍‌ରେ ଗେପେ ଭରଷା ଯାଦାଚି ?

374."Forest is the life of the tribal people". Is it true ?

"ଜଙ୍ଗଲ ଆଦିବାସୀ ମାନଙ୍କର ଜୀବନ"– ଏହା ସତ୍ୟ କି ?

ବିର୍ ଆଦିବାସୀ କଆ ଜୀବନ୍‌ଦ -ନିୟାକାନାଃ ସାର୍‌ତେ ଚି ?

375.Why are you cutting trees from the forest ?

ତୁମେ ଜଙ୍ଗଲରୁ ଗଛ ଗୁଡ଼ିକୁ କାହିଁକି କାଟୁଛ ?

ଆପେ ବିର୍‌ରେୟା ଦାରୁ ଚିୟାମେ ମାଃ ଯାଦା ?

376."Forest is everything for the tribal people". What is your personal view about this ?

"ଆଦିବାସୀମାନଙ୍କ ପାଇଁ ଜଙ୍ଗଲ ହେଉଛି ସବୁକିଛି"– ଏହି ବିଷୟରେ ତୁମର ମତ କ'ଣ ?

ଆଦିବାସୀ କଆଃ ନାତେନ୍ ବିର୍‌ଦ ଝତଆଃ - ନିୟା ବିଷୟରେ ଆପେୟାଃ ମନେକାନାଃ ?

377.Do you always struggle for existence / survival ?

ତୁମେମାନେ ସବୁବେଳେ ବଞ୍ଚିବା ପାଇଁ ସଂଗ୍ରାମ କର କି ?

ଆପେକଦ ସବେନ୍ ସମାୟରେ ବାଞ୍ଚାଓ ନାତେନ୍ ପେ ଲାଢାଇ ତାନାଚି ?

378.Is it possible for a tribal to live without forest ?

ଜଙ୍ଗଲ ବିନା ଜଣେ ଆଦିବାସୀ ବଞ୍ଚିବା ଅସମ୍ଭବ କି ?

ବିର୍‌କାତେ ମୟଦ୍ ଆଦିବାସୀ ବାଞ୍ଚାଓ ଦ ଅସମ୍ଭବ ଗେୟାଚି ?

379.Besides Mahua which other seeds do you collect from jungle for preparing wine ?

ମହୁଲ ବ୍ୟତୀତ ତୁମେ ଅନ୍ୟ କେଉଁ ମଞ୍ଜି ମଦ ତିଆରି ପାଇଁ ଜଙ୍ଗଲରୁ ସଂଗ୍ରହ କର ?

ମାହୁକାମ୍ ବାଦ୍‌କାତେ ଆପେ ଅଡ଼ଃ ଅକା ଜାଂ ଆର୍‌କି ବାଇନାତେନ୍ ବିରାତେୟାଦ୍ ପେ ଆଗୁଯାଦା ?

380.What type of flowers do they collect from the forest ?

ଜଙ୍ଗଲରୁ ସେମାନେ କେଉଁ ପ୍ରକାରର ଫୁଲ ସଂଗ୍ରହ କରିଥାନ୍ତି ?

ବିରାତେୟାଦ୍ ଆକା ଅକାଲେକାନ୍ ବାଆ କ ଆଗୁଯାଦା ?

381.How many children of your family are there going to school now ?

ତୁମ ପରିବାରରୁ କେତେଜଣ ପିଲା ବର୍ତ୍ତମାନ ବିଦ୍ୟାଳୟକୁ ଯାଉଛନ୍ତି ?

ଆପେ ଆଳାଗା ତେୟାଦ୍ ଚିମିନୁ ହନ୍ ନାମ୍ ତାଂ ଆଶାଲାତେକ ସେନଃତାନା ?

382. Have the children stopped their study ?

ପିଲାମାନେ ପାଠପଢ଼ା ବନ୍ଦ କରିଦେଲେଣି କି ?

ହନ୍‌କଦ ଅଲ୍‌ପଲାଓ କ ବାଗେ କେଦାଚି ?

383. Why do they stop their learning / study ?

ସେମାନେ କାହିଁକି ପାଠପଢ଼ା ବନ୍ଦ କରିଦେଲେ ?

ଆକ ଚିୟାଃ ଅଲ ପଳହାଓକ ବାଗେ କେଦା ?

384. What are the problems with them ?

ସେମାନଙ୍କର କ'ଣ ସବୁ ଅସୁବିଧା ହୋଇଛି ?

ଆକଆଦ କାନାଃ ଝତଆଃ ଗେକ ଅସୁବିଧାଯାନା ?

385. What do they expect from you now ?

ସେମାନେ ବର୍ତ୍ତମାନ ତୁମଠାରୁ କ'ଣ ଚାହୁଁଛନ୍ତି ?

ଆକଦ ନାମ୍ତାଂ ଆପେ ତାଃ ତେୟାଦ୍ କାନାଃ କ ନାମତାନା ?

386. Except study do they want other works to do ?

ପାଠପଢ଼ା ବ୍ୟତୀତ ସେମାନେ ଅନ୍ୟକାମ କରିବାକୁ ଚାହୁଁଛନ୍ତି କି ?

ଅଲ୍ ପଳହାଓ ବାଦ୍‌କାତେ ଆକ ଏଟା କାମିନାତେକ ମନେ ଯାଦାଚି ?

387. What do they want to do now ?

ସେମାନେ ବର୍ତ୍ତମାନ କ'ଣ କରିବାକୁ ଚାହୁଁଛନ୍ତି ?

ଆକ ନାମ୍ତାଂ କାନା କାମି ନାତେନ୍‌କ ମନେଯାଦା ?

388. Do they get peace from any other work ?

ସେମାନେ ଅନ୍ୟକାମରୁ ଶାନ୍ତି ପାଆନ୍ତି କି ?

ଆକ ଏଟା କାମିରେ ସୁକୁକ ନାମ୍ ଯାଦାଚି ?

389. Do the government provide study materials for the tribal children ?

ସରକାର ଆଦିବାସୀ ପିଲାମାନଙ୍କ ପାଇଁ ପାଠ୍ୟଉପକରଣ ଯୋଗାଇ ଥାଆନ୍ତି କି ?

ସରକାର୍ ଆଦିବାସୀ ହନ୍‌କ ନାତେନ୍ ପଳାଓ ସଜକ ଯୁଗାଆ ଯାଦ୍ କଆଚି ?

390.Can you speak well in your native language ?

ତୁମେ ତୁମ ଭାଷାରେ ଭଲ ଭାବରେ କହିପାରିବ କି ?

ଆପେ ଆପେୟାଃ ଜାଗାର୍‌ତେ ବୁଗି ଲେକାପେ କାଜି ଧାଲିୟାଚି ?

391.How do you address this in tribal language ?

ତୁମେ ଏହାକୁ ଆଦିବାସୀ ଭାଷାରେ କିପରି କୁହ ?

ଆପେ ନିୟାଦ ଆଦିବାସୀ ଜାଗାର୍‌ତେ ଚିଲିକାପେ ମେନେୟା ?

392.Have the government provided you any loan ?

ସରକାର ତୁମକୁ କିଛି ଋଣ ଯୋଗାଇଛନ୍ତି କି ?

ସରକାର୍ ଆପେକେ ଯେତାନ୍ ରିଣି ଅମାପେ ଡାନାଚି ?

393.Who understands your sorrows ?

କିଏ ତୁମ୍ଭମାନଙ୍କର ଦୁଃଖ ବୁଝନ୍ତି ?

ଅକୟ ଆପେମାନ୍ କଥା ଦୁକୁ ବୁଝାଓ ଯାଦାଃ ?

394.How many poor people are there in your village ?

ତୁମ ଗାଁରେ କେତେଜଣ ଗରିବ ଲୋକ ଅଛନ୍ତି ?

ଆପେ ହାତୁରେ ଚିମିନୁଂହଳ ରେଙ୍ଗେଃ ହଳ ମେନାଃ କଥା ?

395.Did they get loan last year ?

ସେମାନେ ଗତବର୍ଷ ଋଣ ପାଇଥିଲେ କି ?

ଆକ ମାଦିନ୍ ରିଣିକ-ନାମ୍ ଲାଚି ?

396.Did any Minister come to your village last year ?

ତୁମ ଗ୍ରାମକୁ ଗତବର୍ଷ କୌଣସି ମନ୍ତ୍ରୀ ଆସିଥିଲେ କି ?

ଆପେ ହାତୁତେ ମାଦିନ୍ ଯେତାନ୍ ମନ୍ତ୍ରୀ ହିଃ ଲେନାଚି ?

397.Do you know singing ?

ତୁମେ ଗୀତ ବୋଲି ଜାଣ କି ?

ଆପେ ଦୁରାଂ ପେ ଦୁରାଂ ଧାଳିୟାଃ ଚି ?

398.Do the oldmen of your village get oldage pension ?

ତୁମଗ୍ରାମର ବୃଦ୍ଧାମାନେ ବାର୍ଦ୍ଧକ୍ୟ ଭତ୍ତା ପାଆନ୍ତି କି ?

ଆପେ ହାତୁରେନ୍ ହାଳାମ୍ କଦ ହାଳାମ୍ ଭତ୍ତାକ ନାମ୍ ଯାଦାଚି?

399.Who is your dearest fellow ?

ତୁମର ଅତି ନିଜର କିଏ ?

ଆପେୟାଃ ଉତି ଆପ୍‌ନାରଦ ଅକୟ ?

400.Do you live happily now ?

ତୁମେ ବର୍ତ୍ତମାନ ସୁଖରେ ଚଳୁଛ କି ?

ଆପେ ନାମ୍‌ତାଂ ସୁକୁ ରେଗେପେ ଆସୁଲେନ୍ ତାନାଚି ?

# Some Polite Words & Phrases

## କେତେକ ନମ୍ର ବା ଶିଷ୍ଟାଚାର ଶବ୍ଦ ଓ ବାକ୍ୟାଂଶ

| | | |
|---|---|---|
| Please | ଦୟାକରି | ଦାୟାକାତେ |
| Thanks | ଧନ୍ୟବାଦ ସହ | ଧନ୍ୟବାଦ ଲେକାତେ |
| Welcome | ସ୍ୱାଗତଂ / ଶୁଭାଗମନ | ଆତାଂଦାରମ୍ |
| It's my pleasure | ଖୁସି ହୋଇ | ରାସିକା ଲେକାତେ |
| Allow me | ଅନୁମତି ଦିଅ | ଜାଗାର୍ ଆମାଲେମ୍ |
| After you | ତୁମ ପରେ | ଆମାଃ ତାୟମ୍ |
| Sorry | ଦୁଃଖିତ | ଦୁକୁଞ୍ଜ ଠର୍କେଦା |
| Excuse me | କ୍ଷମା କର | ଇକା ତାଞ୍ଜମେ |
| Pardon | କ୍ଷମା, ମାର୍ଜନା କର | ଇକା, ଅଚଃତାମ୍ |
| No mention | କିଛି କଥାନାହିଁ | ଯେତାଓ କାଜିବାନଃ |
| Kindly | ଦୟାକରି | ଦାୟାକାତେ |
| Certainly | ସୁନିଶ୍ଚିତ | ସାର୍ତେଗେ |
| Of course | ସମ୍ଭବତଃ | ପାଚେତରାଂ |

I am sorry, I got little late

କ୍ଷମା କରନ୍ତୁ, ମୋର ଡ଼େରି ହୋଇଗଲା ।

ଇକା ତାଞ୍ଜମେ ଆଞ୍ଜାଃ ବିଲମ୍ଯାନା

I am very sorrow.

ମୁଁ ବହୁତ ଦୁଃଖିତ ।

ଆଞ୍ ଇସୁ ଦୁକୁଞ୍ଜ ଠର୍କେଦା

Sorry to have disturbed you.

ଆପଣଙ୍କ କାମରେ ବ୍ୟାଘାତ ଘଟାଇବାରୁ ମୁଁ ଦୁଃଖିତ ।

ଆବିନାଃ କାମିରେ ଜାଙ୍ଗିନାତେ ଆଞ୍ ଦୁକୁଞ୍ଜ ଠର୍କେଦା

May I have your attention please ?

ଦୟାପୂର୍ବକ ଧ୍ୟାନ ଦିଅନ୍ତୁ ?

ଦାୟାକାତେ ଲୁତୁର୍ ଅମ୍‌ଗେବିନ୍ !

Will you please move a bit ?

ଆପଣ ଟିକିଏ ଘୁଞ୍ଚିପାରିବେ କି ?

ଆବିନ୍ ହୁଡ଼ିବିନ୍ ଫାରକାନାଚି ?

I am very sorry, I couldnot make it in time ?

ମୁଁ ନିର୍ଦ୍ଧାରିତ ସମୟରେ କରି ପାରିଲି ନାହିଁ, ସେଥିପାଇଁ ଦୁଃଖିତ ।

ଆଞ୍ଜ ଅମାକାନ୍ ସମାୟରେ କାଞ୍ଜକାମି ଧାଲିଯାନା ଇନା ନାତେନ୍ ହୁକୁଞ୍ଜ ଠର୍‌କେଦା !

It was all by mistake, please excuse me.

ଭୁଲରେ ଏପରି ହୋଇଗଲା, କ୍ଷମା କରନ୍ତୁ ।

ଭୁଲ୍‌ତେ ନେକା ହୋଇଯାନା, ଇକା ତାଞ୍ଜମେ ।

Will you permit me to speak ?

ଆପଣ ମୋତେ କହିବାକୁ ଆଜ୍ଞା ଦେବେ କି ?

ଆବିନ୍ ଆଞ୍ଜକେ ଜାଗାର୍ ନାତେନ୍ କାଛି ଅମଞ୍ଜଗେ ?

Would you please let me sit ?

ଆପଣ ଦୟାକରି ମୋତେ ବସିବାକୁ ଦେବେ କି ?

ଆବିନ୍ ଦାୟାକାତେ ହୁକୁନାତେନ୍ ବିନ୍ ଅମାଞ୍ଜାଚି ?

Allow me to say.

କହିବାକୁ ଆପଣ ଅନୁମତି ଦିଅନ୍ତୁ ।

ଜାଗାର୍‌ନାତେନ୍ ଆଞ୍ଜ୍‌କେ କାଜି ଅମାଞ୍ଜମେ ।

Let me also help you.

ଆପଣଙ୍କର କାର୍ଯ୍ୟରେ ମୋତେ ସାହାଯ୍ୟ କରିବାକୁ ଦିଅନ୍ତୁ ।

ଆବିନାଃ କାମିରେ ଆଞ୍ଜକେ ଦେଙ୍ଗା ଇତିଗିଞ୍ଜମେ ।

Would you mind keeing a low tone please.

ଆପଣ ଦୟାକରି ଟିକିଏ ଆସ୍ତେ କହିପାରିବେ କି ?

ଆବିନ୍ ଦାୟାକାତେ ହୁଡ଼ିଃ ମାଣିତେବିନ୍ ଜାଗାରେୟାଚି ?

## Sentences of order & request ଆଦେଶ / ଅନୁମତି ଓ ପ୍ରାର୍ଥନାର ବାକ୍ୟ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Stop | ବନ୍ଦକର | ହାପେନ୍ ମେ |
| Speak | କୁହ | ଢାଗାରେମ୍ |
| Listen | ଶୁଣ | ଆୟମ୍ ଗେମ୍ |
| Wait here | ଏଠାରେ ଅପେକ୍ଷା କର | ନେରେ ତାଙ୍ଗିଗେବିନ୍ |
| Come here | ଏଠାକୁ ଆସ | ନେରେ ହିଜୁଃବେନ୍ |
| Look here | ଏହିଆଡ଼େ ଦେଖ | ନେସାଇ କୟଃଗେବିନ୍ |
| Take it | ଏହା ନିଅ | ନିଆ ଇଦିଃବେନ୍ |
| Come near/here | ପାଖକୁ ଆସ | ଢାପାତେ ହିଜୁଃବେନ୍ |
| Wait outside | ବାହାରେ ଅପେକ୍ଷା କର | ହାନପାରମ୍‌ରେ ତାଙ୍ଗି ଗେବେନ୍ |
| Go up | ଉପରକୁ ଯାଅ | ଚେତାନ୍‌ତେ ସେନଃବେନ୍ |
| Go down | ତଳକୁ ଯାଅ | ଲାତାର୍‌ତେ ସେନଃବେନ୍ |
| Get off | ଓହ୍ଲାଇ ଯାଅ | ହାଲାଗୁନ୍ ବେନ୍ |
| Be ready/get reddy | ପ୍ରସ୍ତୁତ ହୁଅ | ସାମ୍ପଲେନ୍ ବେନ୍ |
| Be silent/keep quiet | ନୀରବ ରୁହ | ହାପେନ୍ ବେନ୍ |
| Be careful/be cautious | ସାବଧାନ | ହୁସିୟାର୍ |
| Go slowly | ଧୀରେ ଚାଲ | ମାଣିତେ ସେନେମେ |
| Go at once | ଶୀଘ୍ର ଯାଅ | ସେକେଲା ସେନେମେ |
| Go straight | ସିଧା ଯାଅ | ସଜେନ୍ ମେ |
| Go away/get out | ଚାଲିଯାଅ | ସେନଃ ମେ |
| Clean properly | ଠିକ୍ ଭାବେ ସଫାକର | ବୁଗିଲେକା ଫାରଚିଃମେ |
| Don't go | ଯାଅ ନାହିଁ | ଆଲମ୍ ସେନଗାଃ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Don't forget | ଭୁଲ ନାହିଁ | ଆଲମ୍ ଫାରମ୍‌ଏୟା |
| Don't break it | ଏହା ଭାଙ୍ଗ ନାହିଁ | ନିୟା ଆଲମ୍ ରାପୁଦେୟା |
| Don't trouble me | ମୋତେ ବିରକ୍ତ କରନ୍ତୁ ନାହିଁ | ଆଞ୍ଜକେ ଆଲମ୍ ରାଗାଦ୍ ଇଟିଗିଞ୍ଜା |
| Do try again | ପୁଣି ଚେଷ୍ଟା କର | ଅଡ଼ଃଗେ କ୍ଷୁଟାଓ ଏନ୍‌ମେ |
| Don't cut jokes | ଥଟ୍ଟା କରନାହିଁ | ଆଲମ୍ ତାମ୍‌ସାୟା |
| Never mind | ଖରାପ ଭାବନ୍ତୁ ନାହିଁ | ଯୁଦା ଆଲବେନ୍ ଉଡୁଃୟାଃ |
| Don't delay | ବିଳମ୍ବ କର ନାହିଁ | ଆଲମ୍ ବିଲମ୍ ଏୟା |
| Don't worry | ବ୍ୟସ୍ତ ହୁଅ ନାହିଁ | ଆଲମ୍ ତର୍ସାଓନା |
| Don't tease him | ତାକୁ ଚିଡ଼ାଅ ନାହିଁ | ଆଏକେ ଆଲାମ୍ ରାଗାଦ୍ ଇଟିଗିୟା |
| Please wait a bit | ଟିକିଏ ଅପେକ୍ଷା କରନ୍ତୁ | ହୁଡ଼ି ତାଙ୍ଗିଃବେନ୍ |
| Please come here | ଦୟାକରି ଏଠାକୁ ଆସନ୍ତୁ | ଦାୟାକାତେ ନେରେ ହିଜୁଃବେନ୍ |
| Please come in | ଦୟାକରି ଭିତରକୁ ଆସନ୍ତୁ | ଦାୟାକାତେ ବିତାର୍‌ତେ ହିଜୁଃବେନ୍ |
| Please be sealed | ଦୟାକରି ଆସନ ଗ୍ରହଣ କରନ୍ତୁ | ଦାୟାକାତେ ଦୁବ୍‌ବେନ୍ |
| Please reply | ଦୟାକରି ଉତ୍ତର ଦିଅନ୍ତୁ | ଦାୟାକାତେ କାଜିରୁଆ ଗେବେନ୍ |
| Please sign here | ଦୟାକରି ଏଠାରେ ସ୍ୱାକ୍ଷର କରନ୍ତୁ | ଦାୟାକାତେ ନେରେ ସୁହିନଗେବେନ୍ |
| Please stay a litter longer | ଦୟାକରି ଆଉ ଟିକିଏ ରୁହନ୍ତୁ | ଦାୟାକାତେ ତାଙ୍ଗି ଗେବେନ୍ |
| As you like/As you please | ଯାହା ଆପଣଙ୍କ ଇଚ୍ଛା | ଇନାଦ ଆବିନାଃ ଦାୟା |
| Please come again | ଦୟାକରି ପୁଣି ଆସନ୍ତୁ | ଦାୟାକାତେ ଅଡ଼ଃ ମଶା ହିଜୁଃବେନ୍ |
| Keep your home clean | ନିଜ ଘର ସଫା ରଖନ୍ତୁ | ଆମାଃ ଅଲାଃଦ ଆମ୍‌ତେ ସୁଗାଲେମେ |
| Follow me/come with me | ମୋତେ ଅନୁସରଣ କର | ଆଞ୍ଜକେ ପିଚା ଗିଞ୍ଜମେ |
| Vacate the place | ଯାଗା ଖାଲି କର | ଯାଏଗା ଆଲାଗେବିନ୍ |
| Watch him | ତାକୁ ଲକ୍ଷ୍ୟ ରଖ | ଆଏକେ ଲେଲ୍‌ଗିଃମେ |
| Don't be silly | ବୋକା ବା ପାଗଳ ହୁଅ ନାହିଁ | ଆଲମ୍ ବାଲଃନା |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Take care of him / her | ତାଙ୍କର ଯତ୍ନ ନିଅ | ଆୟାଃ ଯତନ ଇଦିଃମେ |
| Think before you speak | ବୁଝି ବିଚାରି କୁହନ୍ତୁ | ଉଡୁଃ ବାଇକାତେ ଢାଗାରେମ୍ |
| Come soon | ଚଞ୍ଚଳ ଆସ | ସେକେଲା ହିଜୁଃମେ |
| Mind your own busineess | ନିଜ କାମ କର | ଆପନର୍ କମି ଆପନର୍ ଓେଗ ଲେଲେମେ |
| Go ahead | ଆଗକୁ ଚାଲ | ଆୟାର୍ତେ ଚାଣ୍ଡାଏମ |
| Look ahead | ଆଗକୁ ଦେଖ | ସାଙ୍ଗିଞ୍ଜି କୟଗେମ୍ |
| May I come in | ମୁଁଭିତରକୁଆସିପାରେକି ? | ଆଞ୍ଜ୍ ବିତାର୍ତେଞ୍ଜ ହିଞ୍ଜୁଃ ଧାଲିୟାଃ |
| Yes, You may | ହଁ, ତୁମେ ଆସିପାର । | ହେଁ, ହିଜୁଃ ଧାଲିୟାଃବିନ୍ |
| Good morning, Sir | ନମସ୍କାର, ଆଜ୍ଞା | ଢ଼ଓ୍ୱାର୍ଗେ ଗା |
| Good morning | ନମସ୍କାର | ଢଓ୍ୱାର୍ଗେ |
| Please sit here | ଦୟାକରି ଏଠାରେ ବସନ୍ତୁ । | ଦାୟାକାତେ ଡୁବ୍ବେନ୍ |
| Your name please | ଦୟାକରିଆପଣଙ୍କ ନାମ କହିବେ | କାନ୍ଥାକାତେ ଆବିନାଃ ଜୁତୁମବେନ୍ ଢାଗାରେୟା |
| Where are you from | ଆପଣ କେଉଁଠାରୁ ଆସିଛନ୍ତି | ଆବିନ୍ ଅକ ତେୟାଃବେନ୍ ହିଜାକାନା |
| How are you ? | ଆପଣ କିପରି ଅଛନ୍ତି ? | ଆବିନ୍ ଚିଲିକାରେ ମେନାବେନା |
| What is the matter ? | କଥା କ'ଣ ? | କାଜିକାନାଃ ? |
| Are all well there ? | ସେଠାରେ ସମସ୍ତେ ଭଲ ଅଛନ୍ତି | ଏନ୍ତେ ଯତ ବୁଗିରେଗେ ମେନାଃ କଆତ ? |
| How are you ? | ଆପଣଙ୍କ ଖବର କ'ଣ ? | ଆବିନାଃ କାଜିଦ କାନାଃ ? |
| How are the children ? | ପିଲାମାନେ କିପରି ଅଛନ୍ତି ? | ହନଗାଣା ଚିଲିକାମେନାଃ କଆ ? |
| What are you doing now ? | ଆପଣ ଏବେ କ'ଣ କରୁଛନ୍ତି | ଆବିନ୍ ନାମ୍ତାଂ କାନାଃବେନ୍ ଚେକୋତାନା ? |
| What are you looking for ? | ଆପଣ କ'ଣ ଖୋଜୁଛନ୍ତି ? | ଆବିନ୍ କାନାବେନ୍ ଦାଣାତାନା ? |
| What do you eat today ? | ଆପଣ ଆଜି କ'ଣ ଖାଇଛନ୍ତି | ଆବିନ୍ ତିସି କାନାଃବେନ୍ ଜମ୍ତାଦା ? |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Did you come here before ? | ଆପଣ ପୂର୍ବରୁ ଏଠାକୁ ଆସିଥିଲେ କି । ? | ଆବିନ୍ ମାଣାତେ ନେରେବେନ୍ ହିଃ ହେଲାଚି ? |
| What is about the village ? | ଗାଁ ଖବର କ'ଣ ? | ହାତୁ କାଜି କାନାଃ ? |
| What did you say ? | ଆପଣ କ'ଣ କହିଲେ ? | ଆବିନ୍ କାନାଃ ବେନ୍ ମେନ୍‌କେଦା ? |
| Is the village climate well ? | ଗାଁର ଜଳବାୟୁ ଭଲ ତ ? | ହାତୁରେ ହୟଗାମା ସୁଗାନ୍ ଗେୟାତ ? |
| It is fine | ଏହା ଭଲ । | ନିୟାଦ ସୁଗାନଗେୟା |